ବର୍ଷ-୨୬, ସଂଖ୍ୟା-୨୪୯
ଭୁବନେଶ୍ୱର
ସେପ୍ଟେମ୍ବର, ୧୪, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 249
Bhubaneswar
September, 14, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଜି
ଗଣେଶ
ପୂଜା

# ସଫଳତାର ସହ ସରିଲା ବ୍ରିକ୍ସ ଶିଖର ସମ୍ମିଳନୀ



ନୂଆଦିଲ୍ଲୀ, ୧୩।୯ : ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ସଫଳତାର ସହ ଶେଷ ହୋଇଛି ଏବଂ ବିଦେଶୀ ରାଷ୍ଟ୍ରମୁଖ୍ୟମାନେ ନିଜ ନିଜ ଦେଶକୁ ଫେରିଛନ୍ତି। ଆୟୋଜିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ୧୫ ଜଣ ରାଷ୍ଟ୍ରନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଗତ ୩ ଦିନ ଧରି ଚାଲିଥିବା ଏହି କୂଟନୈତିକ ମାରାଥନ ବୈଠକରେ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା, ଶକ୍ତି, ପ୍ରଯୁକ୍ତିବିଦ୍ୟା ଏବଂ ଆଞ୍ଚଳିକ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନ ରାଷ୍ଟ୍ରପତି ଶି ଜିନପିଙ୍ଗ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ଆବୁଧାବିର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ଜାୟେଦ ଅଲ ନାହୟାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଅଲ-ସିସି, ମାଲେସିଆ ପ୍ରଧାନମନ୍ତ୍ରୀ ଅନୱାର ଇବ୍ରାହିମ, ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କସ ଜୁନିୟର, କାଜାଖସ୍ତାନ ରାଷ୍ଟ୍ରପତି ଏବଂ ଇଣ୍ଡୋନେସିଆ, ଭିଏତନାମ, ଉଗାଣ୍ଡା ଓ ନାଇଜେରିଆ ଆଦି ଦେଶର ନେତାମାନେ ମଧ୍ୟ ଏହି ଦ୍ୱିପାକ୍ଷିକ ଆଲୋଚନାରେ ସାମିଲ ଥିଲେ। ଏହି ବୈଠକଗୁଡ଼ିକରେ ମୁଖ୍ୟତଃ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା, ଗ୍ଲୋବାଲ ସପ୍ଲାଇ ଚେନ୍, ପଶ୍ଚିମ ଏସିଆର ସ୍ଥିତି, ସାମୁଦ୍ରିକ ସୁରକ୍ଷା ଏବଂ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଅର୍ଥନୈତିକ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଭାରତର ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ 'ନୂଆଦିଲ୍ଲୀ ଘୋଷଣାନାମା ୨୦୨୬' ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି, ଯାହାକୁ ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ବୋଲି କୁହାଯାଉଛି। ଏଥିସହ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ଆସନ ପାଇଁ ଭାରତର ଦାବିକୁ ବ୍ରିକ୍ସ ମଞ୍ଚରେ ବଢ଼ିଲା ସମର୍ଥନ । ୟୁଏନଏସସିରେ ସଂସ୍କାର ଆଣିବା ନେଇ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ଯେଉଁ ସହମତି ଦେଖାଯାଇଛି, ତାହା ଭାରତ ପାଇଁ ଏକ ବଡ଼ କୂଟନୈତିକ ସଫଳତା ବୋଲି ଦେଖାଯାଉଛି। ଭାରତ ଦୀର୍ଘ ଦିନ ଧରି ୟୁଏନଏସସିରେ ସ୍ଥାୟୀ ସଦସ୍ୟ ପାଇଁ ଦାବି କରିଆସୁଛି।

ବ୍ରିକ୍ସ ଶିଖର ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଯୁକ୍ତିବିଦ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ବିଷୟରେ ଏକ ବଡ଼ ବାର୍ତ୍ତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅସ୍ୱଶସ୍ତ ଭାବରେ ଜ୍ଞାନକୌଶଳ ଏବଂ ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ବ୍ୟବହାର ବ୍ରିକ୍ସ ଦେଶଗୁଡ଼ିକର ସାଧାରଣ ପ୍ରଗତିରେ ବାଧା ସୃଷ୍ଟି କରିପାରେ। ଏଭଳି ପରିସ୍ଥିତିରେ ଟେକ୍ନୋଲୋଜିକୁ ଆପଣାଇବା ପ୍ରକ୍ରିୟାରେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ଆବଶ୍ୟକ । ଭାରତର ବ୍ରିକ୍ସ ଅଧ୍ୟକ୍ଷତା ସମୟରେ ନମନୀୟତା, ନବସୃଜନ, ସହଯୋଗ ଏବଂ ସ୍ଥିରତା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହି ଚିନ୍ତାଧାରା ଅଧୀନରେ ଟେକ୍ନୋଲୋଜି, ଷ୍ଟାର୍ଟଅପ୍, ଯୋଗାଣ ଶୃଙ୍ଖଳା ଏବଂ ଡିଜିଟାଲ ଚାଷ ଭଳି କ୍ଷେତ୍ରରେ ଅନେକ ପଦକ୍ଷେପ ନିଆଯାଇଛି । 'ଟେକ୍ନୋଲୋଜି ସମସ୍ତଙ୍କ ପାଇଁ ବ୍ୟବହାର ହେବା ଉଚିତ୍'- ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଟେକ୍ନୋଲୋଜି ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅସ୍ୱୀକରଣ ସହଭାଗୀ ପ୍ରଗତି ପଥରେ ବାଧା ସୃଷ୍ଟି କରିପାରେ । ତେଣୁ ବ୍ରିକ୍ସ ଦେଶଗୁଡ଼ିକ ଟେକ୍ନୋଲୋଜିକୁ ଗ୍ରହଣ କରିବାର ସମାବେଶୀ ଚିନ୍ତାଧାରା ଉପରେ ଗୁରୁତ୍ୱ ଦେବା ଉଚିତ୍ । ଅର୍ଥାତ୍, ନୂତନ ଟେକ୍ନୋଲୋଜିର ଲାଭକୁ କିଛି ଦେଶ କିମ୍ବା ବଛା ବଛା ଗୋଷ୍ଠୀ ପର୍ଯ୍ୟନ୍ତ ସୀମିତ ରଖିବା ପରିବର୍ତ୍ତେ, ଅଧିକରୁ ଅଧିକ ଦେଶ ଏବଂ ଲୋକଙ୍କ ନିକଟରେ ପହଞ୍ଚିବା ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭବିଷ୍ୟତର ଜ୍ଞାନକୌଶଳ ଏବଂ ଏହା ସହ ଜଡ଼ିତ ନିୟମର ବିକାଶରେ ଗ୍ଲୋବାଲ୍ ସାଉଥ୍ ମଧ୍ୟ ସମାନ ଅଂଶଗ୍ରହଣ କରିବା ଉଚିତ୍। ଟେକ୍ନୋଲୋଜିର ବ୍ୟବହାରରେ ଏକ ଉତ୍ତମ ଉଦାହରଣ ଡିଜିଟାଲ କୃଷି କ୍ଷେତ୍ରରେ ସାମ୍ନାକୁ ଆସିଛି । ଡିଜିଟାଲ କୃଷି ଉପରେ ବ୍ରିକ୍ସ ନେଟୱାର୍କ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହା କୃଷକମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଏହି ପଦକ୍ଷେପ ମାଧ୍ୟମରେ ଏଆଇ, ଜିଓସ୍ପସିଆଲ ଟେକ୍ନୋଲୋଜି ଏବଂ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ଚାଷୀଙ୍କ ବାସ୍ତବ ଆବଶ୍ୟକତା ସହ ଜଡିତ ହେବ ।

## ଭୁବନେଶ୍ୱରରେ ନିଯୁକ୍ତ ହେଲେ ୫୨ ଏସ୍ଆଇ

ଭୁବନେଶ୍ୱର, ୧୩।୯ : ଗତ କିଛି ଦିନ ତଳେ ୧୩ ତମ ବ୍ୟାଚ୍ ୩୩୬ ଜଣ ସବ୍-ଇନ୍ସପେକ୍ଟରମାନଙ୍କ ଦୀକ୍ଷାନ୍ତ ସମାରୋହ ସରିଥିଲା । ତେବେ ଆଜି ସେମାନଙ୍କୁ ବିଭିନ୍ନ ପୁଲିସ୍ ଜିଲ୍ଲାରେ ନିଯୁକ୍ତି ମିଳିଛି । ସେମାନଙ୍କ ମଧ୍ୟରୁ କମିଶନରେଟ୍ ପୁଲିସ୍ ?ରେ ନିଯୁକ୍ତି ପାଇଛନ୍ତି ୫୨ ଏସ୍ଆଇ । ଏହି ୫୨ ଜଣଙ୍କ ମଧ୍ୟରୁ କଟକ ୟୁପିଡିକୁ ୨୨ ଜଣ ଭୁବନେଶ୍ୱର ୟୁପିଡିକୁ ୩୦ ଜଣ ଆସିଛନ୍ତି । ଫଳରେ କମିଶନରେଟ୍ ପୁଲିସ୍ ?ରେ ଥିବା ମାନବସମ୍ବଳ ସମସ୍ୟା ସାମାନ୍ୟ ଦୂର ହେବ ।ଏମାନେ ନିଯୁକ୍ତ ହେବା ପରେ ପୁଲିସ୍ କମିଶନର କହିଛନ୍ତି, ନବ ନିଯୁକ୍ତ ପୁଲିସ୍ ଅଧିକାରୀମାନେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କାର୍ଯ୍ୟ କରିବା ଉଚିତ । ପୁଲିସ୍ ସେବାରେ ଅନେକ ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲେ ମଧ୍ୟ, ସେମାନଙ୍କୁ ସମ୍ପୂର୍ଣ୍ଣ ସାହସିକତା, ନିଷ୍ଠା ଓ ସାଧୁତାର ସହିତ ନିଜର ଦାୟିତ୍ୱ ତୁଲାଇବାକୁ ହେବ । ମୋର ଆଶା ଏମାନେ ଭଲ କାର୍ଯ୍ୟ କରି ବିଭାଗର ନାମ ରଖିବେ ।

## ଓରାଙ୍ଗଉଟାନଙ୍କ ପାଇଁ ୫ ଜଣିଆ ବିଶେଷଜ୍ଞ ଟିମ ଗଠନ

ଭୁବନେଶ୍ୱର, ୧୩।୯(ମହାଭାରତ): ଓରାଙ୍ଗଉଟାନଙ୍କ ପାଇଁ ବିଶେଷଜ୍ଞ ଟିମ୍ ଗଠନ। ୫ ଜଣିଆ ବନ୍ୟ ପ୍ରାଣୀ ସ୍ୱାସ୍ଥ୍ୟ ବିଶେଷଜ୍ଞ ଟିମ୍ ଗଠନ । ସେମାନଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ ଓ ରକ୍ଷଣାବେକ୍ଷଣ ଉପରେ ନଜର ରଖିବେ। ଟିମ୍ ଗଠନ କଲେ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ପିସିସିଏଫ) ।ନନ୍ଦନକାନନରେ ଥିବା ଓରାଙ୍ଗଉଟାନଙ୍କ ଯତ୍ନ ସହ ଜଡ଼ିତ ସମସ୍ତ ବିଷୟରେ ଏହି ଟିମ୍ ଅନୁଧ୍ୟାନ କରିବ। ୫ ଜଣିଆ ଟିମ୍ ?ରେ ନନ୍ଦନକାନନ ବାୟୋଲଜିକାଲ ପାର୍କର ନିର୍ଦ୍ଦେଶକ କମିଟିର ସଦସ୍ୟ-ଆବାହକ ରହିବେ। ମହୀଶୂରର ଶ୍ରୀ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ପ୍ରାଣୀ ଚିକିତ୍ସକ, ଡେରାଡୁନ୍ ର ୱାଇଲ୍ଡଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଜଣେ ପ୍ରତିନିଧି ଏବଂ ଭୁବନେଶ୍ୱର ଓୟୁଏଟିର ସେଣ୍ଟର ଫର୍ ୱାଇଲ୍ଡଲାଇଫ୍ ହେଲ୍ଥର ପ୍ରୋଜେକ୍ଟ କୋଅର୍ଡିନେଟର, ନ୍ୟାସନାଲ ଜୁଲଜିକାଲ ପାର୍କର ଭେଟେନାରୀ ଅଫିସର ସଦସ୍ୟ ରହିଛନ୍ତି।

## ୟୁଏଇ ଗସ୍ତ ସାରି ଓଡ଼ିଶା ଫେରିଲେ ମୁଖ୍ୟମନ୍ତ୍ରୀ

# ଯୁବବର୍ଗଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଉପଯୋଗ

ଭୁବନେଶ୍ୱର, ୧୩।୯ : ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ଟଇର ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ସେ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଇଛି।

ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ନିକଟରେ ବିବୃତ୍ତି ରଖି ସେ କହିଥିଲେ ଯେ, ଏହି ଟଇର ଗସ୍ତ, ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିଳ୍ପାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ।

୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ ଇନ ଓଡ଼ିଶା କନକ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଗୁଜରାଟ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ— ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା




କରାଯାଇଛି । ଟଇର ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଙ୍ଗ୍, ୬ଟି ରାଉଣ୍ଡଟେବୁଲ ମିଟିଙ୍ଗ୍, ୪୬ଟି ୱାନ୍-ଟୁ-ୱାନ୍ ମିଟିଙ୍ଗ୍ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି। ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ। ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ଗସ୍ତ କାଳରେ ଟଇର ର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍ଦୁଲା ବିନ୍ ତକ୍ ଅଲ୍ ମାରି ଏବଂ ଓଐଉର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଆଇଏଚସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ୨୦୨୬ ଜୁଲାଇ ୨ ତାରିଖରେ ହୋଇଥିବା ଭାଗିଦାରୀକୁ ଆଗକୁ ନେଇ ଓଡ଼ିଶାରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ଗକ୍ଟଟ ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନୀର ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ ପ୍ରୋଜେକ୍ଟ ପାଇଁ ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ସ୍ଥାପନ ନେଇ ଉଦ୍ୟମ ଜାରି ରହିଛି।

ଏହା ସହିତ ଟଇରର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ ଆହୁରି କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ଶିକ୍ଷିତ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ଏଥିପାଇଁ ଆଗାମୀ ଦିନରେ ପ୍ରତିଷ୍ଠିତ ହେବାକୁ ଥିବା କାରଖାନା ଓ ଅଫିସଗୁଡ଼ିକ ପାଇଁ ଯୁବବର୍ଗଙ୍କୁ ନିଯୁକ୍ତି-ପ୍ରସ୍ତୁତ କରିବାକୁ ଆବଶ୍ୟକୀୟଳ ସ୍କିଲ ଟ୍ରେନିଂ ଦିଆଯାଉଛି।

ପ୍ରାରମ୍ଭିକ ସ୍ତରରେ ସଫଳତା ମିଳିବା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଏହିସବୁ ନିବେଶ ପ୍ରସ୍ତାବ ଓ ଗକ୍ଟଟ ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା, ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ।' ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ . ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ , ଏକାମ୍ର ବିଧାୟକ ବାବୁ ସିଂ , ନିଆଳି ବିଧାୟକ ଛବି ମଲ୍ଲିକ, ଉଟଳି ବିଧାୟକ ଇରାସିସ ଆଚାର୍ଯ୍ୟ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜ ସେବୀ ଜଗନ୍ନାଥ ପ୍ରଧାନ ଏବଂ ବିପୁଳ ସଂଖ୍ୟା ରେ ଜନସାଧାରଣ ମୁଖ୍ୟମନ୍ତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରି ଧନ୍ୟବାଦ ଜଣାଇଥିଲେ ।

# ମାଳ ମାଳ ଆପାର୍ଟମେଣ୍ଟ, ହେଲେ ନାହିଁ ସୋସାଇଟି

ଭୁବନେଶ୍ୱର, ୧୩।୯ : ରାଜଧାନୀରେ ବିଭିନ୍ନ ଘରୋଇ ସଂସ୍ଥା ମାଳ ମାଳ ଆପାର୍ଟମେଣ୍ଟ ନିର୍ମାଣ କରି ଲୋକଙ୍କୁ ବିକ୍ରି କରିଥିବାବେଳେ ଅଧିକାଂଶରେ କିନ୍ତୁ ସୋସାଇଟି ଗଠନ ହୋଇପାରୁ ନାହିଁ । ମାମଲାର ଆଳ ଦେଖାଇ ଆପାର୍ଟମେଣ୍ଟ ମାଲିକମାନେ କେଉଁଠି ସୋସାଇଟି ଗଠନରେ ବାଧକ ସାଜୁଛନ୍ତି ତ ଆଉ କେଉଁଠି ଦଖଲ ପ୍ରମାଣପତ୍ର (ଓସି) ଦେଉନଥିବାରୁ ସୋସାଇଟି ଗଠନ ହୋଇପାରୁ ନାହିଁ ।



ଆପାର୍ଟମେଣ୍ଟଗୁଡିକର ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ଗଠନ କରିଛନ୍ତି ରେରା । ଯେଉଁଠାରେ ଆପାର୍ଟମେଣ୍ଟ ନିର୍ମାଣ ହୋଇ ବିକ୍ରି ହେଉଛି ସେଠାରେ ସମ୍ପୃକ୍ତ ଆପାର୍ଟମେଣ୍ଟରେ ତୁରନ୍ତ ସୋସାଇଟି ଗଠନ ପାଇଁ କୁହାଯାଇଛି । କାରଣ ସୋସାଇଟି ହିଁ ପରବର୍ତ୍ତୀ ସମୟରେ ଆପାର୍ଟମେଣ୍ଟର ସୁରକ୍ଷା, ରକ୍ଷଣାବେକ୍ଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ଦାୟିତ୍ୱ ବହନ କରିବ । ଆପାର୍ଟମେଣ୍ଟ ବିକ୍ରି କରିସାରିବାପରେ ନିର୍ମାଣକାରୀ ସଂସ୍ଥାର ଆଉ କୌଣସି କର୍ତ୍ତୃତ୍ୱ ରହିବନାହିଁ ।

ତେବେ କେତେକ ଆପାର୍ଟମେଣ୍ଟ ନିର୍ମାତା ଏହି ନିୟମକୁ ଅଣଦେଖା କରିବାପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି । ଏପରିକି କିଛି ଲୋକଙ୍କୁ ଲଗାଇ ମାମଲା ବି ରୁଜୁ କରୁଛନ୍ତି। ଆପାର୍ଟମେଣ୍ଟର କିଛି ଘର ବିକ୍ରି ନକରି ତାହାକୁ ନିଜ ଦଖଲରେ ରଖିବା ସହିତ ସେଠାରେ ନିଜର ଅନୁଗତଙ୍କୁ ରଖି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ସ୍ଥାନୀୟ ଲୋକେ ପ୍ରତିବାଦ କଲେ ଏମାନେ ଧମକ ଚମକ ଦେଉଛନ୍ତି ।ଆପାର୍ଟମେଣ୍ଟର ମାଲିକାନା କାଳେ ନିଜ ହାତରୁ ଚାଲିଯିବ ସେଥିପାଇଁ ସୋସାଇଟି ଗଠନ ଦେଉନଥିବାବେଳେ ପାରିପାର୍ଶ୍ୱିକ ବିକାଶ ବି ହୋଇପାରୁ ନାହିଁ । ବିଶେଷକରି ଆପାର୍ଟମେଣ୍ଟରେ ଛୋଟ ପିଲାଙ୍କ ପାଇଁ ପାର୍କ, ବୃକ୍ଷରୋପଣ, ବର୍ଷାଜଳଅମଳ ପ୍ରକଳ୍ପ ଆଦି ବି କାର୍ଯ୍ୟକାରୀ ହେଉନାହିଁ । ଅଧିକାଂଶ ଆପାର୍ଟମେଣ୍ଟ ଭିତରେ ବିଲ୍ଡରମାନେ ନିଜର ଦୁଇ ତିନିଟି ଘର ରଖି ମନମୁଖି କାର୍ଯ୍ୟ ଚଳାଇଛନ୍ତି ।ଆପାର୍ଟମେଣ୍ଟ ନିର୍ମାଣ ପାଇଁ ଅନୁମତି ଦେଇଥିବା ବିଡିଏ, ବିଏମସି ଅଥବା ନିୟନ୍ତ୍ରଣ ପାଇଁ ଗଠନ ହୋଇଥିବା ସଂସ୍ଥା ରେରା ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଫଳରେ ଲକ୍ଷାଧିକ ଟଙ୍କା ଦେଇ ଘରଟିଏ କିଣିଥିବା ଲୋକେ ଏବେ ଛୋଟିଆ ଭୋଜିଭାତ କରିବାକୁ ହେଲେ ବିଲ୍ଡରଙ୍କ ଠାରୁ ଅନୁମତି ଆଣିବାକୁ ପଡୁଛି । ସେହିଭଳି ସୋସାଇଟି ଗଠନ ହୋଇପାରୁ ନଥିବାରୁ ଆପାର୍ଟମେଣ୍ଟର ଲିଫ୍ଟ ଖରାପ ହେଲେ କିମ୍ବା ସିସିଟିଭି ଅଚଳ ହେଲେ ତାହା ସହଜରେ ମରାମତି ହୋଇପାରୁ ନାହିଁ ।

ଦଖଲ ପ୍ରମାଣପତ୍ର ନଥିବାରୁ ଅନେକ ଘର ମାଲିକ ଆବଶ୍ୟକସ୍ଥଳେ ନିଜ ନିଜ ଘରକୁ ବି ଆଇନ ଅନୁଯାୟୀ ବିକ୍ରି କରିପାରୁ ନାହାନ୍ତି । ସେହିଭଳି ମାମଲା ଚାଲିଥିବାରୁ ଆପାର୍ଟମେଣ୍ଟ ଖରିଦ କରିବାକୁ ବି ରାଷ୍ଟ୍ରାୟତ ବ୍ୟାଙ୍କ୍ ?ଗୁଡିକ ଋଣ ଦେଉ ନାହାନ୍ତି । ମୋଟାମୋଟି ଭାବେ ରାଜଧାନୀର ଶତାଧିକ ଆପାର୍ଟମେଣ୍ଟ ନିର୍ମାଣ କରିଥିବା ବିଲ୍ଡରଙ୍କ ଦୟାରେ ଏବେ ଘର କିଣିଥିବା ଲୋକେ ରହିଛନ୍ତି । କାଁ ଭାଁ କେତୋଟି ସ୍ଥାନକୁ ବାଦ୍ ଦେଲେ ବହୁ ସ୍ଥାନରେ ବର୍ଷ ବର୍ଷ ଧରି ବିଲ୍ଡରମାନେ ନିଜର ପତିଆରା ଛାଡିବାକୁ ରାଜି ହେଉନାହାନ୍ତି ଏବଂ ବିକ୍ରି ନକରି ପକାଇ ରଖିଥିବା ଘରକୁ ଚଢା ଦରରେ ବିକିବାପାଇଁ ମୂଳଚାଲ କରୁଛନ୍ତି ।

## ଚିଲିର ନର୍ସିଂ ହୋମ୍‌ରେ ଅଗ୍ନିକାଣ୍ଡ, ୧୬ ବୃଦ୍ଧଙ୍କ ମୃତ୍ୟୁ

ସାଣ୍ଟିଆଗୋ: ଚିଲିର ଆରାଉକାନିଆ ଅଞ୍ଚଳର ପିଟ୍ରୁଫଂକେନ୍ ସହରରେ ଥିବା ଏକ ନର୍ସିଂ ହୋମ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୬ ଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିବାବେଳେ ଶନିବାର ସକାଳେ ନିଆଁକୁ ଆୟତ୍ତ କରାଯାଇଥିଲା। ଘଟଣାସ୍ଥଳ ରାଜଧାନୀ ସାଣ୍ଟିଆଗୋଠାରୁ ପ୍ରାୟ ୬୪୦ କିଲୋମିଟର ଦକ୍ଷିଣରେ ଅବସ୍ଥିତ।

ଅଗ୍ନିକାଣ୍ଡ ସମୟରେ ନର୍ସିଂ ହୋମ୍‌ରେ ମୋଟ ୨୬ ଜଣ ବୃଦ୍ଧ ରହୁଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉଦ୍ଧାର କରାଯାଇଥିବା ୧୦ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲ୍‌କୁ ନିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରିଥିଲା। ପିଟ୍ରୁଫଂକେନ୍‌ର ମେୟର ଜାକ୍‌ଲିନ୍ ରୋମେରୋ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି କହିଛନ୍ତି, ପୀଡିତଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଘଟଣାର ତଦନ୍ତ କରୁଥିବା ଜର୍ଜ ଗ୍ରାନାଡା କହିଛନ୍ତି, ଅଗ୍ନିକାଣ୍ଡରେ କୌଣସି ତୃତୀୟ ପକ୍ଷର ସମ୍ପୃକ୍ତି ଅଛି କି ନାହିଁ, ତାହା ଯାଞ୍ଚ କରାଯାଉଛି। ନର୍ସିଂ ହୋମ୍‌ର ମାଲିକମାନଙ୍କୁ ମଧ୍ୟ ପଚରାଉଚରା ପାଇଁ ଡକାଯାଇଛି। ଚିଲିର ରାଷ୍ଟ୍ରପତି ଜୋସେ ଆଣ୍ଟୋନିଓ କାଷ୍ଟ ଘଟଣାରେ ଶୋକ ପ୍ରକାଶ କରିବା ସହ ଦେଶର ସମସ୍ତ ନର୍ସିଂ ହୋମ୍‌ର ସ୍ଥିତି ଯାଞ୍ଚ ପାଇଁ ଜରୁରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବେସନ ହାଲୱା

ଆମେ ଘରେ ସାଧାରଣତଃ ଗାଜର ହାଲୱା, ସୁଜି ହାଲୱା ପରି ମିଠା ଖାଦ୍ୟ ମାନ ପ୍ରସ୍ତୁତ କରି ଖାଇଥାଉ । କିନ୍ତୁ ଏଥରର ହୋଲି ଅବସରରେ କିଛି ନୂଆ ମିଠା ପ୍ରସ୍ତୁତ କରି ଖାଆନ୍ତୁ । ବେସନ ପ୍ରସ୍ତୁତ ହାଲୱା ହେଉଛି ଏକ ପାରମ୍ପରିକ ତଥା ସମୃଦ୍ଧ ଖାଇବା । ଏହାକୁ ଆପଣ ଜଳଖିଆ ବା ମିଠା ଦ୍ରବ୍ୟ ହିସାବରେ ବି ଖାଇପାରିବେ । ଏହି ସ୍ୱାଦିଷ୍ଟ ବ୍ୟନ ପ୍ରସ୍ତୁତ ପାଇଁ ଆବଶ୍ୟକ ହେଉଥିବା ସମାଗ୍ରୀ ଜାଣି ରଖନ୍ତୁ ।

ବେସନ- ୧କପ, ଲହୁଣୀ -ଅଧା କପ, ଚିନି-ଏକ କପ, ଗୁଜୁରାତି ପାଉଡର- ୧ଚାମଚ, ପାଣି-୨କପ, କଟା ଯାଇଥିବା କିଛି ବାଦାମ।

**ପ୍ରସ୍ତୁତ ପ୍ରଣାଳୀ :**

ପ୍ରଥମେ ମଧ୍ୟମ ଆଞ୍ଚଳରେ ଏକ ପ୍ୟାନ ବସାନ୍ତୁ। ଏଥିରେ ଚିନି,ଗୁଜୁରାତି ପାଉଡର ସହ ପାଣି ଫୁଟାନ୍ତୁ । ଏବେ ଅନ୍ୟ ଏକ ଫ୍ରାଇଙ୍ଗ ପ୍ୟାନରେ ଲହୁଣୀ ଗରମ କରନ୍ତୁ। ଏବେ ଧୀରେ ଧୀରେ ବେସନ ଦିଅନ୍ତୁ। ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ବେସନକୁ ପ୍ୟାନରେ ଧୀରେ ଧୀରେ ଘାଟନ୍ତୁ । ଏଥିପାଇଁ ନିଶ୍ଚିତ ରୂପେ ୫ରୁ୭ ମିନିଟ ସମୟ ଲାଗିଯିବ। ବେସନ ରଙ୍ଗ ବଦଳି ଗଲେ ଏଥିରୁ ଏକ ନୂଆ ବାସ୍ନା ଆସିବ । ଏବେ ସେଥିରେ ସିରପ ଧୀରେ ଧୀରେ ଢାଳନ୍ତୁ। ଏବେ ଆଞ୍ଚ କମ କରିଦିଅନ୍ତୁ। ଆଉ ୨ରୁ ୩ ମିନିଟ ପାଇଁ ଚୁଲିରେ ବସାନ୍ତୁ। ଦେଖିବେ ଧୀରେ ଧୀରେ ବେସନ ସବୁ ପାଣି ଶୁଖାଇଦେବ। ଏବେ ହାଲୱା ଥଣ୍ଡା କରି କାଜୁ ଓ ବାଦାମ ନେଇ ଗାର୍ନିସିଙ୍ଗ କରନ୍ତୁ।




**ଖବର**

## ଓଟିଟିରେ ରିଲିଜ୍ ହେବ ତେଲୁଗୁ ଫିଲ୍ମ 'ଇରୁମୁଡି'



ତେଲୁଗୁ ସୁପରଷ୍ଟାର ରବି ତେଜାଙ୍କ ସୁପରହିଟ୍ ଆକ୍ସନ୍-ଡ୍ରାମା ଫିଲ୍ମ 'ଇରୁମୁଡି' ବକ୍ସ ଅଫିସରେ ଧମାକା କରିବା ପରେ ଏବେ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବାକୁ ଯାଉଛି। ଫିଲ୍ମ ହଲରେ ୨୦୦ କୋଟିରୁ ଅଧିକ ବ୍ୟବସାୟ କରିବା ପରେ ଏହାର ଓଟିଟି ରିଲିଜ୍ ତାରିଖ ସ୍ପଷ୍ଟ ହୋଇସାରିଛି।ଫିଲ୍ମ 'ଇରୁମୁଡି'ର ଓଟିଟି ରିଲିଜ୍ ନେଇ ଘୋଷଣା ପୂର୍ବରୁ ହିଁ ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସ (ଘରଖ୍ଲକ୍ଷସଙ୍ଗ) ରେ ଏହାର ନୋଟିଫିକେସନ୍ 'ଶୋ' ହେବା ଆରମ୍ଭ ହୋଇଯାଇଛି। ଆସନ୍ତା ସପ୍ତାହ ସେପଟ୍ଟେମ୍ବର ୧୮ ତାରିଖ (ଶୁକ୍ରବାର) ରୁ ଏହି ଫିଲ୍ମଟି ନେଟଫ୍ଲିକ୍ସରେ ଷ୍ଟ୍ରିମ୍ ହେବ।ବଜେଟ୍ ୩୫ କୋଟି, ରୋଜଗାର ୨୨୯ କୋଟିରୁ ଅଧିକ ବକ୍ସ ଅଫିସ ରିପୋର୍ଟ ଅନୁସାରେ ଫିଲ୍ମର ନିର୍ମାଣ ବଜେଟ୍ ୩୫ କୋଟି ଟଙ୍କା ଥିବାବେଳେ ବିଶ୍ୱବ୍ୟାପୀ ୨୨୯.୨୫ କୋଟିରୁ ଅଧିକ ଟଙ୍କା ଏହା ଆୟ କରିଥିଲା । ୩୫ କୋଟିର ବଜେଟ୍ ତୁଳନାରେ ୨୨୯.୨୫ କୋଟି ଟଙ୍କା ଆଦାୟ କରି ଏହି ଫିଲ୍ମଟି ବକ୍ସ ଅଫିସରେ ୫୫୫ ପ୍ରତିଶତ ଲାଭ କମାଇଛି। ଏହା ରବି ତେଜାଙ୍କ କ୍ୟାରିୟରର ସବୁଠାରୁ ଅଧିକ ଲାଭଦାୟକ ଫିଲ୍ମ ଭାବେ ସାବ୍ୟସ୍ତ ହୋଇଛି।ଗତ ଅଗଷ୍ଟ ୨୧ ରେ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିବା 'ଇରୁମୁଡି' ହେଉଛି ଏକ ଆକ୍ସନ୍ ଡ୍ରାମା ଫିଲ୍ମ, ଯେଉଁଥିରେ ପୌରାଣିକ ଛାପ ସହ ବାପା-ଝିଅଙ୍କ ମଧ୍ୟରେ ଥିବା ସମ୍ପର୍କର ଏକ ଭାବପୂର୍ଣ୍ଣ କାହାଣୀ ଦର୍ଶାଯାଇଛି। ଏଥିରେ ରବି ତେଜା ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ପ୍ରିୟା ଭବାନୀ ଶଙ୍କର ନାୟିକା ଭୂମିକାରେ ନଜର ଆସିଛନ୍ତି।

## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

## ଯାତ୍ରା କରିବା ପୂର୍ବରୁ ଏହି ବାସ୍ତୁ ଟିପ୍ସ ପ୍ରତି ଧ୍ୟାନ ଦିଅନ୍ତୁ



ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି। ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକୟ ଜାଣନ୍ତୁ.

- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।
- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟନ୍ତ୍ରୀ ମନ୍ତ୍ରୀ ଜପ କରନ୍ତୁ।
- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା, ଗୁରୁଜନ, ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।
- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁୟ ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ବା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।
- ଶାସ୍ତ୍ର ଅନୁଯାୟୀ, ସୋମବାର, ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏୟ ସୋମବାର, ଗୁରୁବାର ପୂର୍ବ, ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ। ବୁଧବାର, ଶନିବାର ପୂର୍ବ, ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ।

ବୁଧବାର ଉ□ର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ବା ରାଶି ଲଡୁ ଖାଇ ଯାଆନ୍ତୁ।

- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ।

ଶୁକ୍ରବାର ଦିନ ପଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।

- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।

## କାହିଁକି ଗଣେଶଙ୍କୁ କୁହାଯାଏ 'ଏକଦନ୍ତ' ?



ହିନ୍ଦୁ ଧର୍ମରେ ଭଗବାନ ଗଣେଶଙ୍କୁ ବୁଦ୍ଧି, ବିବେକ ଓ ଜ୍ଞାନର ଦେବତା ଭାବେ ପୂଜା କରାଯାଏ। ଗଣେଶଙ୍କ ସହ ଜଡ଼ିତ ଅନେକ ପୌରାଣିକ କାହାଣୀ ରହିଛି। ସେଥିମଧ୍ୟରୁ ମହାଭାରତ ଲେଖିବା ସମୟରେ ତାଙ୍କ ଗୋଟିଏ ଦନ୍ତ ଭାଙ୍ଗିବାର କାହାଣୀ ବେଶ୍ ରୋଚକ। ଏହି ପ୍ରସଙ୍ଗ ସହ ଜଡ଼ିତ ଥିବାରୁ ଗଣେଶଙ୍କୁ 'ଏକଦନ୍ତ' ବୋଲି ମଧ୍ୟ କୁହାଯାଏ।ଧାର୍ମିକ ମାନ୍ୟତା ଅନୁସାରେ, ମହର୍ଷି ବେଦବ୍ୟାସ ମହାଭାରତର ରଚନା କରିଥିଲେ। ଏହି ବିଶାଳ ମହାଗାଥାକୁ ଲିପିବଦ୍ଧ କରିବା ପାଇଁ ସେ ଭଗବାନ ଗଣେଶଙ୍କୁ ଲେଖକ ଭାବେ ଅନୁରୋଧ କରିଥିଲେ। ଗଣେଶ ଏଥିପାଇଁ ଏକ ସର୍ତ୍ତ ରଖିଥିଲେ। ସେ କହିଥିଲେ ଯେ, ଲେଖିବା ଆରମ୍ଭ କରିବା ପରେ ତାଙ୍କ ଲେଖନୀ ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଅଟକିବ ନାହିଁ। ବେଦବ୍ୟାସଙ୍କ କହିବା ଯଦି ଅଟକିଯାଏ, ତେବେ ସେ ଲେଖା ବନ୍ଦ କରିଦେବେ। ଏହାପରେ ବେଦବ୍ୟାସ ମଧ୍ୟ ଏକ ସର୍ତ୍ତ ରଖିଥିଲେ। ଗଣେଶ ପ୍ରତ୍ୟେକ ଶ୍ଳୋକର ସମ୍ପୂର୍ଣ୍ଣ ଅର୍ଥ ବୁଝିବା ପରେ ହିଁ ତାହା ଲେଖିବେ ବୋଲି ସେ କହିଥିଲେ। ଗଣେଶ ଏହି ସର୍ତ୍ତକୁ ସ୍ୱୀକାର କରିଥିଲେ।କୁହାଯାଏ, ମହାଭାରତ ଲେଖିବା ସମୟରେ ବେଦବ୍ୟାସ ମଝିରେ ଏପରି କିଛି ଜଟିଳ ଶ୍ଳୋକ କହୁଥିଲେ, ଯାହାର ଅର୍ଥ ବୁଝିବା ପାଇଁ ଗଣେଶଙ୍କୁ କିଛି ସମୟ ଲାଗୁଥିଲା। ସେହି ସମୟରେ ବେଦବ୍ୟାସ ପରବର୍ତ୍ତୀ ଶ୍ଳୋକ ରଚନା କରୁଥିଲେ। ଏହିପରି ଭାବରେ ମହାଭାରତର ରଚନା ଆଗକୁ ବଢ଼ିଥିଲା। ଧାର୍ମିକ କାହାଣୀ ଅନୁସାରେ, ମହାଭାରତ ଲେଖିବା ସମୟରେ ହଠାତ୍ ଗଣେଶଙ୍କ ଲେଖନୀ ଭାଙ୍ଗିଯାଇଥିଲା। ତାଙ୍କ ସର୍ତ୍ତ ଅନୁସାରେ ଲେଖା ଅଟକିବାର ନଥିଲା। ତେଣୁ ସମୟ ନଷ୍ଟ ନକରି ଗଣେଶ ନିଜର ଗୋଟିଏ ଦନ୍ତ ଭାଙ୍ଗି ତାହାକୁ ଲେଖନୀ ଭାବେ ବ୍ୟବହାର କରିଥିଲେ। ନିଜ ବଚନ ରକ୍ଷା କରିବା ପାଇଁ ଗଣେଶ ଦନ୍ତ ଭାଙ୍ଗିଥିବାରୁ ତାଙ୍କୁ 'ଏକଦନ୍ତ' ବୋଲି କୁହାଯାଏ। ତେବେ ଗଣେଶଙ୍କ ଏକଦନ୍ତ ହେବା ସହ ଜଡ଼ିତ ଅନ୍ୟାନ୍ୟ ପୌରାଣିକ କାହାଣୀ ମଧ୍ୟ ପ୍ରଚଳିତ ରହିଛି।

ମହାଭାରତ ଲେଖନର ଏହି ପୌରାଣିକ ପ୍ରସଙ୍ଗକୁ ଜ୍ଞାନ ଓ ବୁଦ୍ଧିର ଅନନ୍ୟ ସମନ୍ୱୟ ଭାବେ ଦେଖାଯାଏ। ମହର୍ଷି ବେଦବ୍ୟାସଙ୍କ ଜ୍ଞାନ ଓ ଭଗବାନ ଗଣେଶଙ୍କ ବୁଦ୍ଧି ମିଶି ମହାଭାରତ ଭଳି ବିଶାଳ ମହାଗାଥାକୁ ଲିପିବଦ୍ଧ କରିଥିବା ଧାର୍ମିକ ମାନ୍ୟତା ରହିଛି।

## ଏକାଧିକ ଗଣେଶ ମୂର୍ତ୍ତି ରଖି ପୂଜା କରନ୍ତୁ ନାହିଁ

ଅନେକ ସମୟରେ ଘରେ କଳହ ତଥା ଅଶାନ୍ତି ଦେଖା ଦେଇଥାଏ। ପରସ୍ପର ମଧ୍ୟରେ କଳି ଝଗଡା ଲାଗି ରହିବା ସହ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ଏହା ବାସ୍ତୁ ଦୋଷରୁ ହୋଇଥାଏ ବୋଲି କେହି କେହି ଚିନ୍ତା କରିଥାନ୍ତି।



ଜ୍ୟୋତିର୍ବିଦଙ୍କ ମତ ଅନୁସାରେ ଗଣେଶ ଭଗବାନଙ୍କୁ ଘରେ ସ୍ଥାପନା କରି ପୂଜା କରିବା ଦ୍ୱାରା ବାସ୍ତୁ ଦୋଷ ଦୂର ହୋଇଥାଏ। କିନ୍ତୁ ଘରର କେଉଁ ସ୍ଥାନରେ ଗଣେଶ ଭଗବାନଙ୍କ ମୂର୍ତ୍ତି ରଖିବେ ଏବଂ କେଉଁ ବିଧି ଅନୁସାରେ ପୂଜା କରିବା ତାହା ଜାଣିବା ଅତ୍ୟନ୍ତ ଜରୁରୀ ଅଟେ।

□ ପୂଜା ସ୍ଥାନରେ ଏକାଧିକ ଗଣେଶ ମୂର୍ତ୍ତି ରଖି ପୂଜା କରନ୍ତୁ ନାହିଁ।

□ ବାମ ପଟକୁ ଶୁଣ୍ଢ ଥିବା ଗଣେଶ ମୂର୍ତ୍ତି ଘରେ ରଖନ୍ତୁ।

□ ୧୨ ଆଙ୍ଗୁଳି ଉଚ୍ଚତା ଠାରୁ ଅଧିକ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ଘରେ ରଖନ୍ତୁ ନାହିଁ।

□ ପୀତବର୍ଣ୍ଣର ମୂର୍ତ୍ତି ଘରେ ରଖିବା ସବୁଠୁ ଉତ୍ତମ ଅଟେ।

□ କେବେ ବି ଗଣେଶଙ୍କୁ ତୁଳସୀ ଜଳ ଅର୍ପଣ କରନ୍ତୁ ନାହିଁ।

□ ଆସନ୍ତୁ ଜାଣିବା ଘରର କେଉଁ ସ୍ଥାନରେ କିପରି ମୂର୍ତ୍ତି ରଖିବେ।

□ ପିଲାଙ୍କ ପାଠ ଘରେ ହଳଦିଆ ବା ଫିକା ସବୁଜ ରଙ୍ଗର ଗଣେଶ ମୂର୍ତ୍ତି ରଖନ୍ତୁ।

□ ବେଡ୍‌ରୁମରେ ଗଣେଶ ମୂର୍ତ୍ତି ରଖନ୍ତୁ ନାହିଁ।

□ ଘରର ମୁଖ୍ୟ ଦ୍ୱାରର ଭିତର ପଟରେ ଗଣେଶ ଫଟୋ ଲଗାନ୍ତୁ।

□ ପୂଜା ସ୍ଥାନରେ ହଳଦିଆ ରଙ୍ଗର ଗଣେଶ ପ୍ରତିମା ରଖି ପୂଜା କରନ୍ତୁ।

□ ପ୍ରତିଦିନ ସକାଳେ ଗଣେଶଙ୍କୁ କ୍ଷୀର ଅର୍ପଣ କରନ୍ତୁ।

# ରାଜ୍ୟରେ ପର୍ଯ୍ୟଟନର ବିକାଶ ନେଇ ମୁଖ୍ୟସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧୩।୯ (ମହାଭାରତ): ଓଡ଼ିଶାରେ ପର୍ଯ୍ୟଟନର ବିକାଶକୁ ଅଧିକ ଗତିଶୀଳ ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ସହ ଯୋଡ଼ିବା ଉଦ୍ଦେଶ୍ୟରେ ଆଜି ପର୍ଯ୍ୟଟନ ବିଭାଗ ପକ୍ଷରୁ 'ଓଡ଼ିଶା ପର୍ଯ୍ୟଟନ ଭିଜନ୍-୨୦୩୬/୪୭' ଆଧାରରେ ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ (ଏଲଟିପିସି)ର ଏକଓରିଏଂଟେସନ୍ (ଅବଗତିକରଣ) କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ଉପଜିଲ୍ଲାପାଳ ତଥା ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦର ଅଧ୍ୟକ୍ଷ ଏବଂ ପରିଷଦର ସଦସ୍ୟ ଥିବା ଥାନା ଅଧିକାରୀଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ 'ବିକଶିତ ଓଡ଼ିଶା-୨୦୩୬' ଏବଂ 'ବିକଶିତ ଭାରତ-୨୦୪୭' ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିରାଜ୍ୟରେ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ପର୍ଯ୍ୟଟନ କିପରି ସ୍ଥାନୀୟ ଅର୍ଥନୀତି ସମେତ ଜିଲ୍ଲା, ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ, ସେ ସମ୍ପର୍କରେ ସେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ "ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା" ଆଭିମୁଖ୍ୟକୁ ଦୋହରାଇ ବିଭିନ୍ନ ଜିଲ୍ଲାର ଉପଜିଲ୍ଲାପାଳ ତଥା ଅଧିକାରୀମାନଙ୍କୁ ସ୍ଥାନୀୟସ୍ତରରେ ପର୍ଯ୍ୟଟନର ବିକାଶ ପାଇଁ ସକ୍ରିୟ ଭୂମିକା ନେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ନୀତି, ସ୍ଥାନୀୟ ପର୍ଯ୍ୟଟନର ବିକାଶ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ 'ଓଡ଼ିଶା ହୋମ୍ ଷ୍ଟେ ଏଷ୍ଟାବ୍ଲିସମେଂଟ ସ୍କିମ୍-୨୦୨୫' ପ୍ରଚଳନ ସହ ଇକୋ-ଟୁରିଜିମ୍ ସମ୍ପର୍କିତ



ନୀତି ଓ ପଦକ୍ଷେପମାନ ରହିଛି। ଏହି ନୀତି ଓ ଯୋଜନାଗୁଡ଼ିକୁ ସ୍ଥାନୀୟ ସ୍ତରରେ କାର୍ଯ୍ୟକାରୀ କରି ପର୍ଯ୍ୟଟନ କ୍ଷେତ୍ରରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ।ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀରସ୍ୱଚ୍ଛତା ରକ୍ଷା ସହ ମୌଳିକ ସୁବିଧାର ଉପଲବ୍ଧି , ଆତିଥେୟତା ଏବଂ ସ୍ଥାନୀୟ ଯୁବବର୍ଗଙ୍କ ସହଯୋଗଉପରେ ବିଶେଷ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଉପଜିଲ୍ଲାପାଳ ଏବଂ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦର ସଦସ୍ୟମାନଙ୍କୁ ନିଜର ପ୍ରଶାସନିକ ଦାୟିତ୍ୱ ମଧ୍ୟରେ ସ୍ଥାନୀୟ ପର୍ଯ୍ୟଟନର ବିକାଶ ପାଇଁମୁଖ୍ୟ ସୁବିଧା ପ୍ରଦାନକାରୀ ( ଫାସିଲିଟେଟର) ଭାବେ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିସହ ନିଜ ଅଂଚଳରେ ନୂତନ ପର୍ଯ୍ୟଟନସ୍ଥଳୀ, ହୋମ୍ ଷ୍ଟେ, ଐତିହ୍ୟସ୍ଥଳୀ ଓ ପ୍ରାକୃତିକ ସମ୍ପଦକୁ ଚିହ୍ନଟ କରି ସେଗୁଡ଼ିକର ବିକାଶ ଓ ପ୍ରଚାର ପାଇଁ ପଦକ୍ଷେପ ନେବାକୁ ସେ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପର୍ଯ୍ୟଟନର ବିକାଶ ପାଇଁରାସ୍ତାଘାଟ, ସ୍ୱଚ୍ଛତା, ଆନୁଷଙ୍ଗିକ ଭିତିଭୂମି, ସାଇନେଜ୍, ସ୍ଥାନୀୟ ଯୁବବର୍ଗଙ୍କ ପ୍ରଶିକ୍ଷଣ, ହୋମ୍ ?ଷ୍ଟେ ଏବଂ ପଥପ୍ରାନ୍ତ ସୁବିଧା କେନ୍ଦ୍ରଆଦିର ବିକାଶ ପାଇଁ ସମସ୍ତ ସମ୍ପୃକ୍ତ ବିଭାଗମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି, ଯାହାସ୍ଥାନୀୟ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀଗୁଡ଼ିକର ରକ୍ଷଣାବେକ୍ଷଣ ସହ ସେଗୁଡ଼ିକୁ ଅଧିକ ଆକର୍ଷଣୀୟ ଓ ଜୀବନ୍ତ କରିବାରେ ସହାୟକ ହେବ। ପ୍ରତ୍ୟେକ ଜିଲ୍ଲାରେ 'ଗୋଟିଏ ଜିଲ୍ଲା-ବହୁ ପର୍ଯ୍ୟଟନ ପଦକ୍ଷେପ' ଆଭିମୁଖ୍ୟ ଗ୍ରହଣ କରିଝରୁ ୧୦ଟି ଛୋଟ ଛୋଟ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତିକରଣ ପାଇଁ ପଦକ୍ଷେପତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଗ୍ରାମୀଣ ଅର୍ଥନୀତି, ମହିଳା, ସ୍ଥାନୀୟ ଯୁବବର୍ଗ ଓ ଏମଏସଏମଇକ୍ଷେତ୍ର ବିଶେଷ ଭାବେ ଲାଭବାନ ହୋଇପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।ଏଥିସହ ଜିଲ୍ଲାଗୁଡ଼ିକ ମଧ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ସୁସ୍ଥ ପ୍ରତିଯୋଗିତା ଓ ଉତ୍ସାହ ବୃଦ୍ଧି ପାଇଁ 'ପର୍ଯ୍ୟଟନ ରାଙ୍କିଂ' ବ୍ୟବସ୍ଥା ଆରମ୍ଭ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ। ଜିଲ୍ଲା ପ୍ରଶାସନକୁ ପର୍ଯ୍ୟଟନ ସମ୍ପର୍କିତ ପଦକ୍ଷେପକୁ ସର୍ବୋଚ୍ଚ ଅଗ୍ରାଧିକାର ଦେବାକୁ ସେ କହିଛନ୍ତି।

## ରଘୁନାଥପୁର-ତ୍ରିଶୁଳିଆ ହେବ ଏଲିଭେଟେଡ୍ ରାସ୍ତା

ଭୁବନେଶ୍ୱର, ୧୩।୯ (ମହାଭାରତ): ରାସ୍ତା, ସେତୁ ଓ କୋଠାବାଡ଼ି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅନୁମୋଦନ ପାଇଛି। ଆଗାମୀ ଦିନରେ ଆହୁରି ଅଧିକ ପ୍ରକଳ୍ପ ଅନୁମୋଦନ ଅପେକ୍ଷାରେ ରହିଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ଅର୍ଥନୈତିକ ବିକାଶରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ରଘୁନାଥପୁର-ତ୍ରିଶୁଳିଆ ଏଲିଭେଟେଡ୍ କରିଡର ରାସ୍ତା ନିର୍ମାଣ ସହ ଷ୍ଟୁଡ଼ିଓ ଛକ-ନୂଆଗାଁକୁ ମଧ୍ୟ ଏଲିଭେଟେଡ୍ ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା। ଏଥି ସହିତ ପିପିଲି-କୋଣାର୍କ ରାସ୍ତା ନିର୍ମାଣ, ଦୟା ୱେଷ୍ଟର ପ୍ରଥମ ଏବଂ ତୃତୀୟ ଫେଜ୍ କାର୍ଯ୍ୟ ନେଇ ଆଲୋଚନା ହୋଇଥିଲା। ବୈଠକରେ ଭୁବନେଶ୍ୱର ଇନର୍ ରିଂ ରୋଡ୍ ସହ ଆଉଟର ରିଂ ରୋଡ୍ ର ନୂଆ ଆଲାଇନ୍‌ମେଂଟ, କଳ୍ପନା ଛକ ଫ୍ଲାଏଓଭର ନିର୍ମାଣ ଏବଂ ପୁରୀକୁ ଯାତାୟତ ସୁବିଧା ନେଇ ନୂଆ ଏଲିଭେଟେଡ୍ ରାସ୍ତା ନିର୍ମାଣ ପ୍ରକ୍ରିୟାର ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। ବୈଠକରେ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଏହିସବୁ ରାସ୍ତା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଥିବା ପ୍ରତିବନ୍ଧକକୁ ଦୂର କରିବା, ଜମି ଅଧିଗ୍ରହଣ ଏବଂ ଡିପିଆର୍ ପ୍ରସ୍ତୁତି ନେଇ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ସମୀର ହୋତା, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଅତିରିକ୍ତ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ସାହୁ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ, ଓବିସିସିର ମୁଖ୍ୟ ପରିଚାଳକ ଶ୍ରୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବା ସ୍ଥିତିରେ : ବିଜେଡି

ଭୁବନେଶ୍ୱର,୧୩।୯ (ମହାଭାରତ): ପବିତ୍ର ଗୁରୁ ଦିବସରେ ଗୁରୁ ମାନଙ୍କୁ ରାଜରାସ୍ତାରେ ଆନେ୍ଦାଳନ କରୁଥିବା ଦେଖିବାକୁ ମିଳିଥିବା ବେଳେ ରାଜ୍ୟ ସରକାରଙ୍କ ବିଚିତ୍ର ନୀତି ଯୋଗୁଁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭୁଶୁଡିବା ସ୍ଥିତିରେ ପହଞ୍ଚିଛି ବୋଲି ଅଭିଯୋଗ କରିଛି ବିଜୁ ଜନତା ଦଳ। ରାଜ୍ୟ ସରକାରଙ୍କ ନୀତି ଯୋଗୁଁ ରାଜ୍ୟର ଅନେକ ଏଡେଡ଼ କଲେଜ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି ଓ ସେହି କାରଣରୁ ଚଳିତ ବର୍ଷ ଏହି କଲେଜ ଗୁଡିକରେ ଗଣେଶ ପୂଜା ଅନୁଷ୍ଠିତ ହୋଇନପାରିବା ନେଇ ଆଶଙ୍କା ଦେଖାଦେଇଛି, ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ବିଜେଡି। ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ରାଜ୍ୟ ବିଜେପି ସରକାରଙ୍କ ଗତ ଅଢେଇ ବର୍ଷର ଶାସନରେ ରାଜ୍ୟର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଥିବା ବେଳେ, ରାଜ୍ୟର ଶିକ୍ଷା ବ୍ୟବସ୍ଥା ରସାତଳକୁ ଯାଇଛି। ପବିତ୍ର ଗୁରୁ ଦିବସରେ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ହଜାର ହଜାର ବ୍ଲକ ଗ୍ରାଣ୍ଟ ଶିକ୍ଷକ ମାନଙ୍କୁ ବିଭିନ୍ନ ଦାବି ନେଇ ଆନେ୍ଦାଳନ କରୁଥିବା ଦେଖିବାକୁ ମିଳୁଛି। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଅନେକ ବରିଷ୍ଠ ବିଜେପି ନେତା ଯେତେବେଳେ ବିରୋଧୀ ଦଳରେ ଥିଲେ, ଏହି ବ୍ଲକ ଗ୍ରାଣ୍ଟ ଶିକ୍ଷକ ମାନଙ୍କ ଆନେ୍ଦାଳନ ସ୍ଥଳକୁ ଯାଇ ବିଜେପି କ୍ଷମତାକୁ ଆସିଲେ, ସେମାନଙ୍କ ସମସ୍ତ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିଜେପି କ୍ଷମତାକୁ ଆସିବାର ପ୍ରାୟ ଅଢେଇ ବର୍ଷ ବିତି ଯାଇଥିଲେ ସୁଦ୍ଧା, ଏହି ଶିକ୍ଷକ ମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି। ଏହା ପ୍ରମାଣିତ କରୁଛି ଯେ, ବିଜେପି ମିଛ ପ୍ରତିଶ୍ରୁତି ଦେବାରେ ସିଦ୍ଧହସ୍ତ। ଏହାଛଡା ଗୁରୁଙ୍କୁ ସମ୍ମାନ ପ୍ରଦର୍ଶନ କରିବାର ପରମ୍ପରା ମଧ୍ୟ ବିଜେପି ଶାସନରେ ନଷ୍ଟ ହୋଇଛି। ଗୁରୁ ଦିବସରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମାନ କାର୍ଯ୍ୟକ୍ରମକୁ ଚଳିତ ବର୍ଷ ଶେଷ ମୁହୂର୍ତ୍ତରେ ବାତିଲ କରି ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ସମ୍ଭବ ହେଉନାହିଁ, ତେଣୁ ଏହାକୁ ବାତିଲ କରାଯାଉଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି, ଯାହା ଗ୍ରହଣୀୟ ନୁହେଁ।

## ଗାଁ ଗାଁରେ ତିଆରି ହେବେ କଣ୍ଟେଣ୍ଟ କ୍ରିଏଟର

ଭୁବନେଶ୍ୱର, ୧୩।୯ (ମହାଭାରତ): ପବିତ୍ର 'ଗୁରୁ ଦିବସ' ଅବସରରେ ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପରିସରରେ ରିସି (ରେସିଡେନ୍ସିଆଲ ଇଂଟର୍ନସିପ ଏବଂ ସ୍କିଲ୍ ହବ୍ ଫର୍ ଇଣ୍ଡଷ୍ଟ୍ରି) ଭବନର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସେ ଯୁବପିଢ଼ିଙ୍କ ପାଇଁ ନୂତନ ଯୁଗୋପଯୋଗୀ ପାଠ୍ୟକ୍ରମ 'ସେଲ୍ଫ-ହେଲଥ କେୟାର ଆଣ୍ଡ୍ ୱେଲନେସ' ଏବଂ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ 'ଏଆଇ ଟୁଲ୍ସ ଫର୍ କୋଲାବରେଟିଭ୍ ଲର୍ଣ୍ଣିଂ' ର ଶୁଭାରମ୍ଭ କରିଛନ୍ତି। ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଆଜି ଆମ ଶିକ୍ଷା ବ୍ୟବସ୍ଥାରେ 'ଡିଗ୍ରୀ ଏବଂ ନିଯୁକ୍ତି ଯୋଗ୍ୟତା' ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସବୁଠାରୁ ବଡ଼ ଆହ୍ୱାନ। ଇଂରେଜ ଶାସନ ସମୟରୁ 'ଡିଗ୍ରୀ ହିଁ ସବୁକିଛି' – ଏହି ଯେଉଁ ଭ୍ରମାତ୍ମକ ମାନସିକତା ଚାଲିଆସିଛି, ଆମକୁ ଏଥିରୁ




ବାହାରିବାକୁ ପଡ଼ିବ। କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବ୍ୟାବହାରିକ ପଢ଼ା ଓ ପ୍ରାକ୍ଟିକାଲ୍ ଦକ୍ଷତା ବଢ଼ାଇଲେ ହିଁ ଯୁବପିଢ଼ି ଯୋଗ୍ୟ ଓ ନିଯୁକ୍ତିକ୍ଷମ ହୋଇପାରିବେ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମସ୍ତଙ୍କ ପାଇଁ କାର୍ଯ୍ୟଦକ୍ଷତା ଆହ୍ୱାନ ଏବଂ ନୂତନ ଜାତୀୟ ଶିକ୍ଷା ନୀତିରେ ଶିକ୍ଷା ସହ ଦକ୍ଷତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି। ଶିଳାନ୍ୟାସ ହୋଇଥିବା 'ରିସି' ପ୍ରକଳ୍ପରେ ଛାତ୍ରଛାତ୍ରୀମାନେ ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ପ୍ରାକ୍ଟିକାଲ୍ ପ୍ରଶିକ୍ଷଣ ପାଇ ସ୍ୱାବଲମ୍ବୀ ହୋଇପାରିବେ। ବିଶ୍ୱର ବର୍ତ୍ତମାନର ଅସ୍ଥିର ପରିସ୍ଥିତି ଓ ଗ୍ଲୋବାଲ୍ ସପ୍ଲାଏ ଚେନ୍ ପ୍ରଭାବିତ ହେବା ଯୋଗୁଁ ଭାରତରେ ନିଯୁକ୍ତି ଉପରେ ଏହାର ପ୍ରଭାବ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଯୁବପିଢ଼ିଙ୍କୁ ଜବ୍ କ୍ରିଏଟର୍ ହେବାକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ପ୍ରାୟ ୧ କୋଟି ଯୁବକଯୁବତୀ, ଯାହା ରାଜ୍ୟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଅଛନ୍ତି, ଯେଉଁମାନେ କି ଏକବିଂଶ ଶତାବ୍ଦୀର 'ଅମୃତ ପିଢ଼ି'। ଆଗାମୀ ୧୦୦ ବର୍ଷର ଓଡ଼ିଶାର ଭବିଷ୍ୟତ ଏହି ପିଢ଼ିଙ୍କ କାନ୍ଧରେ ରହିଛି। ଆଜିର ଯୁବସମାଜ ୨୩ ବର୍ଷ ବୟସରେ ପିଏଚଡି ହାସଲ କରିପାରୁଛନ୍ତି। 'ରିସି' ପ୍ରକଳ୍ପ ଏହି ଅମୃତ ପିଢ଼ିଙ୍କୁ କାର୍ଯ୍ୟଦକ୍ଷ ଓ ଆତ୍ମନିର୍ଭର କରି ଗଢ଼ିତୋଳିବାରେ ଏକ ଯୁଗାନ୍ତକାରୀ ସେତୁ ଭାବେ କାର୍ଯ୍ୟ କରିବ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ସାଇବର କ୍ରାଇମ୍ ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆମ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ମେସିନ୍ ଓ ମଣିଷ ଭିତରେ ଥିବା କାର୍ଯ୍ୟଦକ୍ଷତାର ବ୍ୟବଧାନକୁ ପୂରଣ କରିବାକୁ ହେଲେ ଆମକୁ ନବୋନ୍ମେଷୀ ହେବାକୁ ପଡ଼ିବ। ସନ୍ଥକବି ଭୀମଭୋଇଙ୍କ କବିତା ବିଶ୍ୱକୁ ବଂଚିବାର ରାସ୍ତା ଦେଖାଉଥିଲା, ସେହିପରି ଆମ ଜ୍ଞାନ ଓ ବ୍ୟାବହାରିକ ଦକ୍ଷତା ଦ୍ୱାରା ହିଁ ସମାଜର ବିକାଶ ସମ୍ଭବ। ୨୦୧୫ରେ ସମ୍ବଲପୁରରେ ସ୍ଥାପିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆରମ୍ଭର ୮ ବର୍ଷ ଅତ୍ୟନ୍ତ କଠିନ ପରିସ୍ଥିତି ମଧ୍ୟରେ ଗତି କରୁଥିଲା। କେବଳ ଗୃହ ନିର୍ମାଣ କରି ଏହାକୁ ଛାଡ଼ି ଦିଆଯାଇଥିଲା। କିନ୍ତୁ ଏହା ନଜରକୁ ଆସିବା ପରେ କେନ୍ଦ୍ର ସରକାରଙ୍କ ପିଏମ ଉଷା ଯୋଜନା ମାଧ୍ୟମରେ ବିଶ୍ୱବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଦିନେ ଶୂନ୍ୟ ଆଡମିଶନରୁ ଆରମ୍ଭ ହୋଇଥିବା ଏହି ବିଶ୍ୱବିଦ୍ୟାଳୟରେ ଆଜି ଛାତ୍ରଛାତ୍ରୀ ସଂଖ୍ୟା ୪୦ ହଜାରରେ ପହଂଚିଛି।

## କ୍ରାଇମବ୍ରାଞ୍ଚ ସମ୍ମିଳନୀରେ ସଡ଼କ ସୁରକ୍ଷା ସଚେତନତା

ଭୁବନେଶ୍ୱର, ୧୩।୯ (ମହାଭାରତ): କଟକସ୍ଥିତ କ୍ରାଇମବ୍ରାଞ୍ଚ ସମ୍ମିଳନୀ କକ୍ଷଠାରେ ରାଜ୍ୟରେ ଘଟୁଥିବା ସଡ଼କ ଦୁର୍ଘଟଣା ଏବଂ ଏହା ଦ୍ୱାରା ଘଟୁଥିବା ଧନଜୀବନ ହାନିକୁ ରୋକିବା ପାଇଁ କ୍ରାଇମ୍ ବ୍ରାଞ୍ଚ୍, ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ), କମନ ଆକ୍ସନ ଫର୍ ରୋଡ୍ ସେଫ୍ଟି, ଟିଆରଏଏକ୍ସ ,ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସହରକୁ 'ଆଦର୍ଶ ସଡ଼କ ସୁରକ୍ଷା ସହର' ଭାବେ ଗଢ଼ି ତୋଳିବା ପାଇଁ ଏକ ବ୍ଲୁ-ପ୍ରିଣ୍ଟ୍ ଉପସ୍ଥାପନ କରାଯାଇଛି।

ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୧୮ ରୁ ୪୫ ବର୍ଷ ବୟସ ମଧ୍ୟରେ ୬୬ ପ୍ରତିଶତରୁ ଅଧିକ ବ୍ୟକ୍ତିଙ୍କ ମୃତ୍ୟୁବରଣ କରୁଛନ୍ତି। ହେଲମେଟ୍ ଏବଂ ସିଟ୍‌ବେଲ୍ଟ ବ୍ୟବହାର ନକରିବା ଏବଂ ଦ୍ରୁତଗତିରେ ଗାଡି ଚାଳନା ଯୋଗୁଁ ମୃତ୍ୟୁସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣ ସାଜିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳକୁ 'ଆଦର୍ଶ ସଡ଼କ ସୁରକ୍ଷା ସହର' ଭାବେ ଗଢ଼ି ତୋଳିବା ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

ଏହି ଯୋଜନାକୁ ବାସ୍ତବରୂପ ଦେବା ପାଇଁ ସଡ଼କ ସୁରକ୍ଷାର '୪-ଇ' ସୂତ୍ର ଅର୍ଥାତ୍ ଏଜୁକେସନ (ସଚେତନତା), ଇଂଜିନିୟରିଂ (ସଡ଼କ ନିର୍ମାଣ ଓ ସୁରକ୍ଷା ଡିଜାଇନ୍), ଏନଫୋର୍ସମେଂଟ (କଡ଼ାକଡ଼ି ନିୟମ ପାଳନ), ଏବଂ ଏମରଜେନ୍ସି କେୟାର (ଜରୁରୀକାଳୀନ ସ୍ୱାସ୍ଥ୍ୟସେବା) ଉପରେ ଗୁରୁତ୍ୱାରୋପ କରାଯାଇଛି।

ସଚେତନତା ସୃଷ୍ଟି ପାଇଁ ସ୍କୁଲ୍ ଓ କଲେଜ ସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଦେବା, ଡିଜିଟାଲ୍ ପ୍ରଚାର କରିବା ଏବଂ ଡ୍ରାଇଭିଂ ଲାଇସେନ୍ସ ଆବେଦନକାରୀଙ୍କ ପାଇଁ କମ୍ପ୍ୟୁଟର ସାହାଯ୍ୟରେ ବାସ୍ତବ ଗାଡ଼ି ଚଳାଇବାର କୃତ୍ରିମ ଅନୁଭୂତି ପ୍ରଶିକ୍ଷଣର ବ୍ୟବସ୍ଥା କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଇଞ୍ଜିନିୟରିଂ କ୍ଷେତ୍ରରେ ଦୁର୍ଘଟଣାପ୍ରବଣ ସ୍ଥାନ (ବ୍ଲାକସ୍ପଟ) ଚିହ୍ନଟ କରିବା, ରାସ୍ତାର ଉନ୍ନତ ଡିଜାଇନ୍ ଏବଂ ସ୍ମାର୍ଟ ସାଇନେଜ୍ ସ୍ଥାପନ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ହେଲମେଟ୍ ଓ ସିଟ୍‌ବେଲ୍ଟ ନିୟମର କଡ଼ାକଡ଼ି ଅନୁପାଳନ, ସ୍ପିଡ୍ କ୍ୟାମେରା ବ୍ୟବହାର ଏବଂ ଟ୍ରାଫିକ୍ ଛକମାନଙ୍କରେ ଚେକିଂ ଜୋରଦାର କରାଯିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହାସହ ଜରୁରୀକାଳୀନ ସେବା ଅଧୀନରେ ଗୋଲ୍ଡେନ ଆୱାର ମଧ୍ୟରେ ଆହତଙ୍କୁ ତୁରନ୍ତ ଡାକ୍ତରୀ ସେବା ଯୋଗାଇବା, ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦେବା ଏବଂ ଘଟଣାସ୍ଥଳରେ ତୁରନ୍ତ ଆମ୍ବୁଲାନ୍ସ ପହଞ୍ଚିବା ଭଳି ପଦକ୍ଷେପ ନିଆଯିବା ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜିପି (କ୍ରାଇମବ୍ରାଞ୍ଚ) ଶ୍ରୀ ସାର୍ଥକ ଷଡଙ୍ଗୀ, ଆଇଜିପି (ପ୍ରୋଭିଜନିଂ) ଶ୍ରୀ ନୀତି ଶେଖର, ଡିଆଇଜି (କ୍ରାଇମବ୍ରାଞ୍ଚ) ଶ୍ରୀ ମଡକର ସନ୍ଦୀପ ସମ୍ପତ, ଆଡଭୋକେଟ ଶ୍ରୀ ସୁଜିତ ସେନାପତି, ପୁନମ ରାଣୀ, ଆନୁରାଗ କୁଳଶ୍ରେଷ୍ଠ, ସଞ୍ଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## କିଟ୍ ଓ କିସ୍ ପରିଦର୍ଶନରେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା

ଭୁବନେଶ୍ୱର,୧୩।୯ (ମହାଭାରତ): ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରାହଟକର ଗୁରୁବାର କିଟ୍ ଓ କିସ୍ ପରିଦର୍ଶନ କରି ଏହି ଅନୁଷ୍ଠାନଗୁଡ଼ିକୁ ଅବିଶ୍ୱସନୀୟ ବୋଲି ବର୍ଣ୍ଣନା କରିଛନ୍ତି। ସେ କିଟର ବିଭିନ୍ନ ପରିସର ଏବଂ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରିଥିଲେ। କିସ୍‌ର ଶୃଙ୍ଖଳିତ ପରିଚାଳନା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ସୁବିଧା ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିବା ସେ କହିଥିଲେ। କିସ୍ ଛାତ୍ରୀଙ୍କୁ ସମ୍ବୋଧିତ କରି ଶ୍ରୀମତୀ ରାହଟକର ସେମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଦେଶର ଗର୍ବ ହେବା ଏବଂ ମହିଳା ସଶକ୍ତିକରଣର ନୂଆ ଉଦାହରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଆଦିବାସୀ ଶିଶୁଙ୍କ ପ୍ରତି ଅଚ୍ୟୁତ ସାମନ୍ତଙ୍କ ଭଲପାଇବା ଓ ସମର୍ପଣ ଯୋଗୁଁ ଏଭଳି ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ଗଢ଼ି ଉଠିଥିବା ସେ କହିଥିଲେ। ଜନଜାତି ଶିଶୁଙ୍କ ଶିକ୍ଷା ଓ ସର୍ବାଙ୍ଗୀନ ବିକାଶ ଦିଗରେ ଶ୍ରୀ ସାମନ୍ତଙ୍କ ପ୍ରୟାସ ଓ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। କିସ୍ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ହଜାର



ହଜାର ଆଦିବାସୀ ଶିଶୁଙ୍କ ଜୀବନରେ ନୂଆ ଆଶାର ଆଲୋକ ଆଣିଥିବା ଏକ ଆନ୍ଦୋଳନ ବୋଲି ସେ ମତ ଦେଇଥିଲେ। ଶିକ୍ଷା, ଆବାସ, କ୍ରୀଡ଼ା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପାଇଁ କିସରେ ଉପଲବ୍ଧ ସୁବିଧାକୁ ସେ ପ୍ରଶଂସା କରିଥିଲେ। ଏଭଳି ଏକ ଅନୁଷ୍ଠାନରେ ଅଧ୍ୟୟନ କରିବା ଆଦିବାସୀ ଶିଶୁଙ୍କ ପାଇଁ ଏକ ବଡ଼ ସୌଭାଗ୍ୟ ବୋଲି ଶ୍ରୀମତୀ ରାହଟକର କହିଥିଲେ। ଉପଲବ୍ଧ ସୁଯୋଗର ସର୍ବାଧିକ ସଦୁପଯୋଗ କରି ନିଜ ଅନୁଷ୍ଠାନ, ଓଡ଼ିଶା ଏବଂ ଦେଶର ନାମ ଉଜ୍ଜ୍ୱଳ କରିବା ସହ ଭାରତର ଗର୍ବ ହେବାକୁ ସେ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅପରପକ୍ଷରେ ଶ୍ରୀ ସାମନ୍ତ ଶ୍ରୀମତୀ ବିଜୟା ରାହଟକରଙ୍କ କିଟ୍ ଓ କିସ୍ ପରିଦର୍ଶନ ପାଇଁ ତାଙ୍କୁ କୃତଜ୍ଞତା ଜଣାଇଥିଲେ। ଦେଶର ମହିଳାମାନଙ୍କ ଅଧିକାର, ସୁରକ୍ଷା ଓ ସଶକ୍ତିକରଣ ପାଇଁ ଜାତୀୟ ମହିଳା କମିଶନ ନିରନ୍ତର କାର୍ଯ୍ୟ କରୁଛି ବୋଲି ସେ କହିଥିଲେ।

## ଏଇଇଙ୍କ ନିକଟରୁ ୭.୧୫ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର, ୧୩।୯ (ମହାଭାରତ): ଓଡ଼ିଶା ଭିଜିଲାନ୍ସ କେନ୍ଦ୍ରାପଡ଼ା ଡ୍ରେନେଜ୍ ଡିଭିଜନର ଜଣେ ଆସିଷ୍ଟାଂଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର (ଏଇଇ)ଙ୍କୁ ୩.୧୫ ଲକ୍ଷ ଟଙ୍କା ସନ୍ଦେହଜନକ ନଗଦ ଟଙ୍କା ସହ ଧରିଛି। ଏହାପରେ ତାଙ୍କ ବାସଭବନରେ ଚାଲିଥିବା ତଲାସୀ ସମୟରେ ଆଉ ୪ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଏବେ ସୁଦ୍ଧା ତାଙ୍କ ନିକଟରୁ ଏବଂ ତାଙ୍କ ପରିସରରୁ ମୋଟ ୭.୧୫ ଲକ୍ଷ ଟଙ୍କା ନଗଦ ଜବତ ହୋଇଛି। ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି ଯେ, ଠିକାଦାରମାନଙ୍କ ବକେୟା ବିଲ୍ ମଞ୍ଜୁର କରିବା ବଦଳରେ କଥିତ ଭାବେ ଲାଂଚ ଆଦାୟ କରାଯାଉଥିବା ନେଇ ବିଶ୍ୱସନୀୟ ସୂଚନା ମିଳିବା ପରେ ଭିଜିଲାନ୍ସ ଟିମ୍ ଏହି କାର୍ଯ୍ୟାନୁଷ୍ଠାନ କରିଥିଲା। ଏନ୍‌ଏଚ୍-୫୩ଏ ସ୍ଥିତ ମାର୍ଶାଘାଇ ଛକ ନିକଟରେ ଅଧିକାରୀଙ୍କୁ ଅଟକାଯାଇଥିଲା। ଭିଜିଲାନ୍ସ ଅନୁସାରେ, ଅଧିକାରୀ ଜଣକ ତାଙ୍କ କାର୍ଯ୍ୟାଳୟରୁ କେନ୍ଦ୍ରାପଡ଼ା ନୟନବିହାରସ୍ଥିତ ବାସଭବନକୁ ସରକାରୀ ଗାଡ଼ି (ପଞ୍ଜୀକରଣ ନମ୍ବର ଓଡି-୨୯-ଏସ-୬୬୪୪)ରେ ଯାଉଥିଲେ। ଏହି ସମୟରେ ତାଙ୍କୁ ଅଟକାଇ ତଲାସୀ କରାଯିବା ପରେ ତାଙ୍କ ନିକଟରୁ ୩,୧୫,୦୦୦ ଟଙ୍କା ନଗଦ ମିଳିଥିଲା। ଭିଜିଲାନ୍ସ କହିଛି ଯେ, ଜବତ ନଗଦ ଟଙ୍କାର ଉତ୍ସ ସମ୍ପର୍କରେ ଅଧିକାରୀ ଜଣକ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେଇପାରିନଥିଲେ। ଏହାପରେ ନଗଦ ଟଙ୍କା ସହ ସରକାରୀ ଗାଡ଼ିଟିକୁ ମଧ୍ୟ ଜବତ କରାଯାଇଥିଲା। ନଗଦ ଟଙ୍କା ଜବତ ହେବା ପରେ ଭିଜିଲାନ୍ସ ପକ୍ଷରୁ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ବାସଭବନ ପରିସରରେ ତଲାସୀ ଆରମ୍ଭ କରାଯାଇଥିଲା।

## ସମ୍ୱମ୍‌ରେ ଆଞ୍ଜିଓଜେଟ୍ ଥ୍ରୋମ୍ବେକ୍ଟୋମି ସିଷ୍ଟମ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୧୩।୯ (ମହାଭାରତ): ଅତ୍ୟାଧୁନିକ ରକ୍ତନଳୀ ଏବଂ ଇଂଟରଭେନସନାଲ୍ ଚିକିତ୍ସା କ୍ଷେତ୍ରରେ ସମ୍ ଅଲ୍‌ଟିମେଟ୍ ମେଡିକେୟାର (ସମ୍ୱମ୍) ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ରାଜ୍ୟର ପ୍ରଥମ ହସ୍ପିଟାଲ୍ ଭାବେ ସମ୍ୱମ୍‌ରେ ଆଞ୍ଜିଓଜେଟ୍ ଥ୍ରୋମ୍ବେକ୍ଟୋମି ସିଷ୍ଟମର ଶୁଭାରମ୍ଭ ନିକଟରେ କରାଯାଇଛି। ଏହି ଅତ୍ୟାଧୁନିକ ପ୍ରଯୁକ୍ତି ଜଟିଳ ରକ୍ତ ଜମାଟ ଜନିତ ସମସ୍ୟାର ମିନିମାଲି ଇନଭେସିଭ୍ ଚିକିତ୍ସା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ। ଜଟିଳ ରକ୍ତଜମାଟ ଜନିତ ସମସ୍ୟାରେ ପିଡ଼ିତ ଥିବା ରୋଗୀଙ୍କ କ୍ଷେତ୍ରରେ ବଡ଼ ଅସ୍ତ୍ରୋପଚାରର ଆବଶ୍ୟକତାକୁ ଏଡ଼ାଇ ଏହି ପ୍ରଯୁକ୍ତି ସହାୟତାରେ ଚିକିତ୍ସା କରାଯାଇପାରିବ। ଆଞ୍ଜିଓଜେଟ୍ ହେଉଛି ଏକ ଅତ୍ୟାଧୁନିକ ଥ୍ରୋମ୍ବେକ୍ଟୋମି ପ୍ରଣାଳୀ, ଯାହା ଅବରୁଦ୍ଧ ରକ୍ତନଳୀରୁ ଦ୍ରୁତଗତିରେ ରକ୍ତ ଜମାଟକୁ ଭାଙ୍ଗି ବାହାର କରିବାରେ ସହାୟକ ହୋଇଥାଏ। ଜଣେ ଇଂଟରଭେନସନାଲ୍ ରେଡିଓଲୋଜିଷ୍ଟ ଏକ କ୍ଷୁଦ୍ର ଛିଦ୍ର ମାଧ୍ୟମରେ ପ୍ରଭାବିତ ରକ୍ତନଳୀ ଭିତରକୁ ଏକ ସ୍ୱତନ୍ତ୍ର କ୍ୟାଥେଟର ପ୍ରବେଶ କରାଇଥାନ୍ତି। ଏହି ପ୍ରଣାଳୀ ରକ୍ତ ଜମାଟକୁ ବାହାର କରିବା ସହ ରକ୍ତ ପ୍ରବାହକୁ ପୁନଃ ସ୍ୱାଭାବିକ କରିବାରେ ସହାୟତା କରିଥାଏ ବୋଲି ସମ୍ ଅଲ୍‌ଟିମେଟ୍ ମେଡିକେୟାରର ଇଂଟରଭେନସନାଲ୍ ରେଡିଓଲୋଜି ବିଭାଗର ମୁଖ୍ୟ ତଥା କନ୍‌ସଲଟାଂଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ କହିଛନ୍ତି। ଏହି ପ୍ରଯୁକ୍ତି ବିଶେଷକରି ଡିପ୍ ଭେନ୍ ଥ୍ରୋମ୍ବୋସିସ୍ (ଡିଭିଟି)ରେ ପୀଡ଼ିତ ଥିବା ରୋଗୀଙ୍କ ପାଇଁ ଉପକାରୀ ହୋଇପାରିବ। ଏହି



ରୋଗରେ ଗୋଡ଼ କିମ୍ବା ଶରୀରର କୌଣସି ଶିରାରେ ରକ୍ତ ଜମାଟ ସୃଷ୍ଟି ହୋଇଥାଏ। ଏହାର ଠିକ୍ ସମୟରେ ଚିକିତ୍ସା ନହେଲେ ପଲମୋନାରୀ ଏମ୍ବୋଲିଜମ୍ ସମେତ ବିଭିନ୍ନ ଗୁରୁତର ଜଟିଳତା ସୃଷ୍ଟି ହେବା ସହ ପ୍ରଭାବିତ ଅଙ୍ଗରେ ଦୀର୍ଘକାଳୀନ ଯନ୍ତ୍ରଣା ଓ ଫୁଲା ଦେଖାଦେଇପାରେ। ଆଞ୍ଜିଓଜେଟ ଆକ୍ୟୁଟ୍ ଆର୍ଟେରିଆଲ୍ ଥ୍ରୋମ୍ବୋସିସ କ୍ଷେତ୍ରରେ ମଧ୍ୟ ଚିକିତ୍ସା କରାଯାଇପାରିବ। ଏହି ଅବସ୍ଥାରେ ହଠାତ୍ ସୃଷ୍ଟି ହୋଇଥିବା ରକ୍ତ ଜମାଟ ହାତ କିମ୍ବା ଗୋଡ଼କୁ ରକ୍ତ ଯୋଗାଣରେ ବାଧା ସୃଷ୍ଟି କରି ଅଙ୍ଗ ପ୍ରତି ବିପଦ ସୃଷ୍ଟି କରିପାରେ। ଏହା ସହିତ ଡାଏଲିସିସ୍ ପାଇଁ ବ୍ୟବହୃତ ଏଭି ଫିଷ୍ଟୁଲା ଏବଂ ଗ୍ରାଫ୍ଟରେ ସୃଷ୍ଟି ହୋଇଥିବା ରକ୍ତ ଜମାଟକୁ ଦୂର କରି ସେଗୁଡ଼ିକର କାର୍ଯ୍ୟକ୍ଷମତା ଫେରାଇବାରେ ମଧ୍ୟ ଏହି ପ୍ରଣାଳୀ ସହାୟକ ହୋଇପାରିବ। ଅଧିକ ମାତ୍ରାରେ ରକ୍ତ ଜମାଟ ସୃଷ୍ଟି ହୋଇଥିବା ଅନ୍ୟାନ୍ୟ ରକ୍ତନଳୀ ଜନିତ ରୋଗରେ ମଧ୍ୟ ଏହି ପ୍ରଯୁକ୍ତିର ଉପଯୋଗ କରାଯାଇପାରିବ ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। "ଆଞ୍ଜିଓଜେଟର ଅନ୍ୟତମ ପ୍ରମୁଖ ସୁବିଧା ହେଉଛି ଯେ ଏହି ଚିକିତ୍ସା ପ୍ରକ୍ରିୟାକୁ ଏକ କ୍ଷୁଦ୍ର, ପିନ୍‌ହୋଲ୍ ଆକାରର ଛିଦ୍ର ମାଧ୍ୟମରେ କରାଯାଇପାରିବ। ଫଳରେ ବଡ଼ ଅସ୍ତ୍ରୋପଚାରର ଆବଶ୍ୟକତା ଏଡ଼ାଯାଇପାରିବ। ଉପଯୁକ୍ତ ରୋଗୀଙ୍କ କ୍ଷେତ୍ରରେ ଏହା ଦ୍ରୁତ ରକ୍ତ ଜମାଟ ଅପସାରଣ, ରକ୍ତ ପ୍ରବାହର ପୁନରୁଦ୍ଧାର ଏବଂ ଶୀଘ୍ର ଆରୋଗ୍ୟରେ ସହାୟକ ହୋଇପାରିବ," ଡାକ୍ତର ପଟ୍ଟନାୟକ କହିଛନ୍ତି। "ଓଡ଼ିଶାରେ ପ୍ରଥମ ଆଞ୍ଜିଓଜେଟ୍ ପ୍ରଣାଳୀର ପ୍ରଚଳନ ରାଜ୍ୟ ତଥା ରାଜ୍ୟ ବାହାରର ରୋଗୀଙ୍କ ନିକଟରେ ଅତ୍ୟାଧୁନିକ ଓ ମିନିମାଲି ଇନଭେସିଭ୍ ରକ୍ତନଳୀ ଚିକିତ୍ସା ଯୋଗାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ," ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି।

# ଜିଏସଟି ସଂଗ୍ରହ ହ୍ରାସ

କଂଗ୍ରେସ ଅଭିଯୋଗ କରିଛି ଯେ, ୮ ବର୍ଷ କାଳ ଲୋକଙ୍କୁ ଟିକସ ମାଧ୍ୟମରେ ଶୋଷଣ କରିବା ପରେ ଟିକସ ହ୍ରାସ କରି ସରକାର ବାହାବା ନେଉଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ୮ ବର୍ଷ ମଧ୍ୟରେ ଜିଏସଟି ପାଇଁ ଦେଶର ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇଛି। ଜିଏସଟି ବାବଦ ଅର୍ଥ କେହି ନିଜ ପକେଟକୁ ନେଉନଥିଲେ। ବରଂ ଅନେକ ଜିଏସଟି ହ୍ରାସକୁ ବିରୋଧ କରୁଛନ୍ତି ଏବଂ ଜିଏସଟି ସରଳୀକରଣ କରିବା ଉଚିତ। ୧୦ଟଙ୍କାର ସାମଗ୍ରୀକୁ ୯ ଟଙ୍କାରେ ବିକ୍ରୀ କଲେ ହଲୋକେ ବିଶେଷ ଉପକୃତ ହେବେନି। କିନ୍ତୁ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେବ। ଗତ ଅଗଷ୍ଟ ୧୫ ତାରିଖରେ ଲାଲକିଲ୍ଲାରୁ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳୀରେ ସେ ଦେଶବାସୀଙ୍କୁ ଜିଏସଟି ହ୍ରାସର ଉପହାର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ସେ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ମନ୍ତ୍ରୀସ୍ତରୀୟ ଗୋଷ୍ଠୀର ସୁପାରିସକୁ ଗ୍ରହଣ କରି ଜିଏସଟି ପରିଷଦ ବୈଠକରେ ଏ ସଂକ୍ରାନ୍ତର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ଏଣିକି ଜିଏସଟି ୪ଟି ପରିବର୍ତ୍ତେ ୨ଟି ସ୍ଲାବରେ ସୀମିତ ରହିବ। ଜିଏସଟି ପରିଷଦର ନିଷ୍ପତ୍ତି ଅନୁଯାୟୀ ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ବିଶେଷ କରି ଖାଦ୍ୟ ସାମଗ୍ରୀ ଉପରୁ ଜିଏସଟିକୁ ସମ୍ପୂର୍ଣ୍ଣ ଛାଡ଼ ବା ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ମଧ୍ୟରେ ରହିଛି ରୋଟି, ପରଟା, ୩୩ ପ୍ରକାର ଜୀବନ ରକ୍ଷାକାରୀ ଔଷଧ , ଦୁଗ୍ଧଜାତ ସାମଗ୍ରୀ ଇତ୍ୟାଦି। ଅନେକ କୃଷି ଉପକରଣ ଉପରେ ମଧ୍ୟ ଜିଏସଟି ଛାଡ଼ କରାଯାଇଛି। ତେବେ କେତେକ ବିଳାସ ସାମଗ୍ରୀ, ତମାଖୁ ଏବଂ ବଡ଼ କାର ଉପରେ ୪୦% ଟିକସ ବସାଇବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୨୨ରୁ ଏହା ଲାଗୁ ହେବ। ବିଭିନ୍ନ ମହଲରୁ ଏହାକୁ ସ୍ୱାଗତ କରାଯାଇଛି। ସାଧାରଣ ଲୋକଙ୍କ ଉପରୁ ଜିଏସଟି ବୋଝ ହାଲୁକା କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଥିଲା। ଅନେକ ଦିନ ତଳୁ ଏହା କାର୍ଯ୍ୟକାରୀ ହେବାର ଥିଲା। ଏହା ଦ୍ୱାରା ସରକାରଙ୍କର ବାର୍ଷିକ ପ୍ରାୟ ୪୭ ହଜାର କୋଟି ଟଙ୍କାର ରାଜସ୍ୱ ହାନି ହେବ ବୋଲି ଆକଳନ କରାଯାଇଛି। ଏହା ଫଳରେ ରାଜ୍ୟମାନେ ମଧ୍ୟ କ୍ଷତିଗ୍ରସ୍ତ ହେବେ। ସେଥିପାଇଁ ଅନେକ ବିରୋଧୀ ଶାସିତ ରାଜ୍ୟମାନେ ଏହାକୁ ବିରୋଧ କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସେମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ। ଫଳରେ ଜିଏସଟି ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଏବେ ଦେଶରେ ମାସିକ ହାରାହାରି ୧ ଲକ୍ଷ ୮୪ ହଜାର କୋଟି ଟଙ୍କାର ଗ୍ରସ ଜିଏସଟି ସଂଗ୍ରହ ହେଉଛି। ସଂଶୋଧିତ ଜିଏସଟି ବ୍ୟବସ୍ଥା ଦ୍ୱାରା ଏହା ୧ ଲକ୍ଷ ୪୦ ହଜାର କୋଟି ଟଙ୍କାରେ ସୀମିତ ରହିବ ବୋଲି ଆକଳନ କରାଯାଉଛି। କିନ୍ତୁ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ଜିଏସଟି ହାର କମାଇବାକୁ ନିଷ୍ପତ୍ତି ନିଆଯାଇଥିବା ନିର୍ମଳା କହିଛନ୍ତି। ଟ୍ରମ୍ପଙ୍କ ଟାରିଫ ମାଡ଼ରୁ ଦେଶର ଅର୍ଥନୀତିକୁ ସୁରକ୍ଷିତ ରଖିବା ନିମନ୍ତେ ଏପରି ନିଷ୍ପତ୍ତି ନିଆଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଏହା ଦ୍ୱାରା ଦେଶର ଅଭିବୃଦ୍ଧି ହାର ବଢ଼ିବ ବୋଲି ମଧ୍ୟ ସେ ଆଶା ପ୍ରକାଶ କରିଛନ୍ତି। ଭାରତର ବିଶାଳ ବଜାର ବ୍ୟବସ୍ଥା ରହିଛି। ଦେଶର ଜିଡିପି ବା ଅର୍ଥନୈତିକ ବିକାଶ ବୈଦେଶିକ ରପ୍ତାନୀ ଉପରେ ଯେତିକି ନିର୍ଭରଶୀଳ ନୁହେଁ, ତାଠାରୁ ଅଧିକ ଆଭ୍ୟନ୍ତରୀଣ ବଜାର ବ୍ୟବସ୍ଥା ଉପରେ ନିର୍ଭରଶୀଳ। ତେଣୁ ଜିଏସଟି ହ୍ରାସ ଦ୍ୱାରା ଦେଶର ଅର୍ଥନୀତି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। କୃଷି ଏବଂ କୃଷକ ସବୁଠାରୁ ଅଧିକ ଲାଭବାନ ହେବ ବୋଲି କୁହାଗଲା। ଇତିମଧ୍ୟରେ ଜିଏସଟି ସଂସ୍କାର ବ୍ୟବସ୍ଥାରେ ସଂସ୍କାରକୁ ବର୍ଷେ ପୂରଣ ହୋଇଛି। ଏବେ ଏହାର ସମୀକ୍ଷା ସମୟ। ବର୍ଷକ ଭିତରେ ଜିଏସଟି ସଂଗ୍ରହ ହ୍ରାସ ପାଇନାହ. ବରଂ ବୃଦ୍ଧି ପାଇଛି। ଜୁଲାଇରେ ଗ୍ରସ ଜିଏସଟି ସଂଗ୍ରହ ୨ଲକ୍ଷ କୋଟି ଟପିଥିବା ବେଳେ ଅଗଷ୍ଟରେ ଏହା ୧ଲକ୍ଷ ୯୯ହଜାର କୋଟି ଟଙ୍କା ହୋଇଛି।

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ

॥ ଡକ୍ଟର ରାଜକିଶୋର ମିଶ୍ର ॥

**ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ ।**

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ । ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ । ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ୍ତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସୃଷ୍ଟ।

ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧ୍ୟମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତ୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି ? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତ୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧ୍ୟାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ିଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ । ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା । ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ ।

ଆଜି ବିଭିନ୍ନ ଗଣମାଧମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁମାନଙ୍କୁ ଦେଖାଇବାକୁ ଭୁଲିନଥାନ୍ତି । ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତ୍ତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା। ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା।

ବାସ୍ତବରେ ପ୍ରକୃତି ହେଉଛି ଆମର ମାତା। ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ। ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା। ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ। କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ।

ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ଦୂରଭାଷ : ୭୦୦୮୧୮୧୮୨୦

# ଜୀବନ ହିଁ ରାମାୟଣ

॥ ଅନୀତା ପଟ୍ଟନାୟକ ॥

ଖରା ଛୁଟି ହୋଇଥାଏ। ସବୁ ସାଙ୍ଗସାଥୀମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରି ଥାଆନ୍ତି। ବାପା କହିଲେ ଆମେ ପୂର୍ବଥର ଅଯୋଧ୍ୟା ଯାଇଥିଲେ ମଧ୍ୟ ସଂପୂର୍ଣ୍ଣ ତିଆରି ହୋଇଥିବା ମନ୍ଦିର ଓ ବିଗ୍ରହଙ୍କୁ ଦେଖି ପାରିନଥିଲେ। ମା ମୋର ମାଉସୀଙ୍କୁ ନେବାକୁ ଅନୁରୋଧ କରିବାରୁ ସେ ବହୁତ ଖୁସିହେଲେ। ମୋର ମାଉସୀ ସରକାରଙ୍କ ଏକ ଉଚ୍ଚ ପଦସ୍ଥ କର୍ମଚାରୀ ଥିଲେ। ସେ ଦ୍ୱିତୀୟ ଶ୍ରେଣୀ ରେଳଡ଼ବାରେ ଯିବାକୁ ଭଲ ପାଉଥିଲେ। ରେଳଯାତ୍ରା ଆରମ୍ଭ ହେଲା। ବିଭିନ୍ନ ଖାଦ୍ୟ ପଦାର୍ଥ ବିକାଳୀ ଟ୍ରେନ ମଧ୍ୟକୁ ଆସି ସେମାନଙ୍କର ପଦାର୍ଥ ବିକିବାକୁ ଆରମ୍ଭ କଲେ। ମତେ ବାପା ଗୋଟେ ବଡ଼ ପିଜୁଳି କିଣିଦେଲେ। ବାପା, ମାଉସୀ ଓ ମା ଚା ପିଇବାକୁ ଆରମ୍ଭ କଲେ।

ମା କହିଲେ ଧର୍ମକୁ ପାଳନ ନକଲେ ମଧ୍ୟ ତୁମର ହୃଦୟ ତାହାକୁ ପାଳନ କରିବାକୁ କୁହେ। ତୁମକୁ ସାହାସୀ ଓ ଆନନ୍ଦମୟ ହେବାକୁ ପଡ଼ିବ। ତାହାନହେଲେ ତୁମେ ଜାଣିପାରିବ ତୁମେ ପାପ କରୁଛ। ମାଉସୀ ବାପାଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ସଚେତନତାକୁ ଚିତ୍ତ କୁହାଯାଏ। ସଚେତନତାରୁ ଚିତ୍ତ ଆସେ। ସତ୍ୟ ଚିତ୍ ସହିତ ମିଳିତ ହେଲେ ସଚ୍ଚିଦାନନ୍ଦ ଆସିଥାଏ। ସଚ୍ଚିଦାନନ୍ଦ ପରିବର୍ତ୍ତନଶୀଳ ନୁହେଁ। ବାପା କହିଲେ, ଆତ୍ମା ଶରୀରକୁ ରକ୍ଷାକରେ। ଆତ୍ମାକୁ ଶରୀର ମାଧ୍ୟମରେ ଚିହ୍ନି ହୁଏ। ଶରୀର ଏକ ମାଧ୍ୟମ। ସେଥିପାଇଁ କୁହାଯାଇଛି ଖାଦ୍ୟ ଶରୀରର ରକ୍ଷା ପାଇଁ ଉଦ୍ଦିଷ୍ଟ ଓ ବସ୍ତ୍ର ଶୀତ ନିବାରଣ ପାଇଁ ଉଦ୍ଦିଷ୍ଟ। ଖାଦ୍ୟ ଜୀବନ ପାଇଁ ଖାଇବା ଉଚିତ, ଖାଇବା ପାଇଁ ଜୀବନକୁ ବିତାଇବା ଉଚିତ ନୁହେଁ। ମାଉସୀ ବାପାଙ୍କ ସହ ତାଳଦେଇ କହିଲେ ମଣିଷ ତାର ସମସ୍ତ ଶକ୍ତି ଆଜିକାଲି ଖାଦ୍ୟ ଗଣ୍ଡାକ ପାଇଁ ବିନିଯୋଗ କରୁଛି। ଜୀବନ ପାଇଁ ନୁହେଁ। ଜଣେ ସହଯାତ୍ରୀ ଯିଏ ଆମ କଥା ଶୁଣୁଥିଲେ ସେ କହିଲେ ରାମ ଆମ ମଧ୍ୟରେ ଅଛନ୍ତି, ଆମେ ହିଁ ରାମ। ଜୀବନ (ପ୍ରାଣ) ସୁଷୁମ୍ନା ନାଡ଼ିରେ ରହିଛି। ଜୀବନ ହୃଦୟରେ ନାହିଁ।

ମୁଁ କହିଲି ଆମ ସାର କହୁଥିଲେ ଆଖି, କାନ, ଜୀବନରୁ ଶକ୍ତି ପାଇଥାନ୍ତି। ଏଥିପାଇଁ ତାଙ୍କୁ ଅଙ୍ଗୀରସ କୁହାଯାଏ। ଶରୀରର ଅଙ୍ଗ ଗୁଡ଼ିକରେ ଶକ୍ତି ପ୍ରବାହିତ ହୁଏ। ତ୍ୟାଗରାଜ କହିଥିଲେ, ହେ ରାମ ତୁମକୁ କେଉଁଠି ପାଇବି ? ପରେ ଜାଣିଥିଲେ, ଭଗବାନ ସର୍ବତ୍ର ବିଦ୍ୟମାନ। ଯେଉଁମାନେ ବିଶ୍ୱାସ କରନ୍ତି ଭଗବାନ ଅଛନ୍ତି ସେମାନଙ୍କ ପାଇଁ ଭଗବାନ ଅଛନ୍ତି। ଯେଉଁମାନେ ବିଶ୍ୱାସ କରନ୍ତିନି ଭଗବାନ ନାହାଁନ୍ତି ତାଙ୍କ ପାଇଁ ଭଗବାନ ନାହାଁନ୍ତି। ପ୍ରହ୍ଲାଦ ଏ ସତ୍ୟକୁ ବୁଝିଥିଲା। ଆମେ ଯେତେବେଳେ କହୁ ସେ ନାହାଁନ୍ତି, ନାହାଁନ୍ତି ଆମେ ସବୁ କିଛି ଖରାପ କାମ କରୁ। ଆମେ ଯେତେବେଳେ କହୁ, ସେ ଅଛନ୍ତି ଅଛନ୍ତି ଆମେ ସବୁ ଭଲ କାମ କରୁ। ଆଉ ଜଣେ ସହଯାତ୍ରୀ ଯେ ଅଯୋଧ୍ୟା ଯାଉଥିଲେ ସେ ଆମ କଥା ଶୁଣି ବହୁତ ଖୁସିହେଲେ। ସେ କହିଲେ ମୁଁ ଆପଣଙ୍କର କଥୋପକଥନରେ ଭାଗ ନେଇପାରେ। ବାପା କହିଲେ ନିଶ୍ଚୟ। ଆମକୁ ଲମ୍ବାଯାତ୍ରା ଯାତ୍ରା କରିବାକୁ ଅଛି। ସେ କହିଲେ, ଧର୍ମର ପ୍ରତିଷ୍ଠା ପାଇଁ ଓ ସଂସାରଧର୍ମ ପାଳନ ପାଇଁ ରାମ ଶିବଧନୁ ଭଙ୍ଗ କରିଥିଲେ। ଶିବ ହେଉଛନ୍ତି ମଙ୍ଗଳମୟ। ସେ ମଙ୍ଗଳମୟକୁ ପ୍ରାପ୍ତ କରିବା ପାଇଁ ଯାଇଥିଲେ। ମୋ ମା କହିଲେ ଆଜ୍ଞା ହଁ। ସୀତା ପୃଥିବୀଙ୍କ ଝିଅ। ଆମେ ପୃଥିବୀ ଉପରେ ନିର୍ଭରଶୀଳ। ଆମେ ଭୂଦେବୀ ନିକଟରେ ଶରଣାଗତ। ମୁଁ କହିଲି ମା ତାଙ୍କ ବିଷୟରେ ଟିକେ ଖୋଲିକି କୁହ। ମା କହିଲେ ସେ ବିଦେହର ରାଜକନ୍ୟା। ଜନକଙ୍କର ଅନ୍ୟ ନାମ ବିଦେହ। ବିଦେହ ଅର୍ଥ ଯାହାର ଶରୀର ସହ ସଂପର୍କ ନାହିଁ। ମନ, ଏହାର ଶରୀର ନାହିଁ। ଏହା ସର୍ବତ୍ର ବୁଲୁଥାଏ। ଜ୍ଞାନ ଓ ବିଜ୍ଞାନ ମନ ଠାରୁ ବାହାରିଛି। ମନର ଝିଅ ବ୍ରହ୍ମଜ୍ଞାନ। ଏହି ସମୟରେ ଆମ ମାନଙ୍କର ଆଲୋଚନାରେ ଗୋଟେ ଭଙ୍ଗା ପଡ଼ିଲା। ଟିକେଟ କଲେକ୍ଟର ଆସି ବାପାଙ୍କୁ ଟିକେଟ ମାଗିବାରୁ ସେ ଟିକେଟଗୁଡ଼ିକ ଯାଞ୍ଚ କରି ଆମ ପାଖରୁ ଚାଲିଗଲେ। ସେ ଚାଲିଯିବା ପରେ ମୁଁ ବାପାଙ୍କୁ ପଚାରିଲି, ତୁମେ ତ କହୁଛ ରାମ ଆତ୍ମାର ପ୍ରତୀକ ଓ ସେ ବ୍ରହ୍ମଜ୍ଞାନୀ ଥିଲେ। ରାମ ଜଙ୍ଗଲକୁ ଯିବାର ତାତ୍ପର୍ଯ୍ୟ କ'ଣ ?

ପାଖରେ ବସିଥିବା ସହଯାତ୍ରୀ ଜଣକ ଏହାର ଉତ୍ତରରେ କହିଲେ ଆରେ ଝିଅ ! ସେ ଜଙ୍ଗଲରୂପକ ସଂସାରିକ ଜୀବନରେ ପ୍ରବେଶ କରିଥିଲେ। ସଂସାର ଜଙ୍ଗଲରେ ପଶିଲେ କାମ, କ୍ରୋଧ, ଲୋଭ, ମୋହ ଆସିଥାଏ। ଏହା ଆମର ଜୀବନଚର୍ଯ୍ୟାର ସମୁଦ୍ରକୁ ବଢ଼ାଇଥାଏ। ଆମେ ଏପରି ସମୁଦ୍ରରେ ପଡ଼ିଲେ ଦଶମୁଣ୍ଡ ରୂପକ ରାବଣ ଆସି ଆମର ଆଧ୍ୟାତ୍ମିକ ଜ୍ଞାନକୁ ଚୋରାଇନେଇଥାଏ। ମୁଁ ପଚାରିଲି ରାବଣ କିଏ ? ଅନ୍ୟ ସହଯାତ୍ରୀ ଜଣକ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟରେ ପରିପୂର୍ଣ୍ଣ ଆମର ଖରାପ ଗୁଣ। ଏଗୁଡ଼ିକୁ ଗ୍ରହଣ କଲେ ଜ୍ଞାନ ଅପସରିଯାଏ। ମା କହିଲେ ସୀତା ଜ୍ଞାନର ପ୍ରତୀକ। ଜ୍ଞାନ ଉଭେଇ ଯିବାରୁ ରାମ ରୂପକ ଆତ୍ମା ଜ୍ଞାନର ସନ୍ଧାନରେ ବାହାରିଲେ ଓ ବାଟରେ ବାଳୀ ଓ ସୁଗ୍ରୀବ ଭେଟିଲେ। ସୁଗ୍ରୀବ ଯେ କି ଭଲ ଗୁଣ ପ୍ରତୀକ ତା ସହ ବନ୍ଧୁତା କଲେ। ବାଳୀ ଯେ କି ଖରାପ ଗୁଣର ପ୍ରତୀକ ତାକୁ ହତ୍ୟା କଲେ।

ବାପା କହିଲେ ଆତ୍ମା ଜ୍ଞାନର ଅନ୍ୱେଷଣରେ ସମୁଦ୍ରକୁ ଲଙ୍ଘିବାକୁ ଯାଇ ବାଧାବିଘ୍ନର ସମ୍ମୁଖୀନ ହେଲେ। ଆମ ସହିତ ଯାଉଥିବା ସହଯାତ୍ରୀ ଜଣକ କହିଲେ ହଁ ପରା। ହନୁମାନ ଓ ମାଙ୍କଡ଼ ମାନେ ଯେଉଁମାନେ ସାହାସିକତାର ପ୍ରତୀକ, ରାମ ତାଙ୍କ ସହ ବନ୍ଧୁତା କଲେ ଓ ଆସକ୍ତି ରୂପକ ସମୁଦ୍ରକୁ ଲଙ୍ଘନ କଲେ ଓ ସେ ବିଭୀଷଣ (ସତ୍ୱଗୁଣ ସମ୍ପନ୍ନ) ରାବଣ (ରାଜସିକ) ଗୁଣ ସମ୍ପନ୍ନ ଓ କୁମ୍ଭକର୍ଣ୍ଣ (ତାମସିକ) ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱକୁ ଭେଟିଲେ। ମାଉସୀ କହିଲେ, ରାମ ରାଜସିକ ଓ ତାମସିକ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ହତ୍ୟାକଲେ ଓ ସାତ୍ତ୍ୱିକ ଗୁଣସଂପନ୍ନ ବ୍ୟକ୍ତି (ବିଭୀଷଣ)ଙ୍କୁ ରାଜା ରୂପରେ ଅଭିଷିକ୍ତ କରାଇଲେ। ମା କହିଲେ, ସୀତା ମୁକ୍ତ ହୋଇ ଆଧ୍ୟାତ୍ମିକ ଜ୍ଞାନୀଙ୍କ ସହ ଯୁକ୍ତ ହେଲେ। ବାପା ଆଲୋଚନାକୁ ଶେଷ କରିବାକୁ ଯାଇ କହିଲେ, ପାଣି ସରିଗଲାଣି ବାହାରକୁ ଯାଇ ପାଣିଆଣିବାକୁ ପଡ଼ିବ। ଝିଅ ତୁ ମନେରଖ - ରାମ ସମସ୍ତଙ୍କ ହୃଦୟ ସିଂହାସନରେ ବିଦ୍ୟମାନ। ଆଧ୍ୟାତ୍ମିକ ଜ୍ଞାନ ସହ ଯେତେବେଳେ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଜ୍ଞାନ ମିଳିତ ହୁଏ ସେତେବେଳେ ହୃଦୟ ସିଂହାସନରେ ଭଗବାନ ବିରାଜମାନ କରିଥାନ୍ତି ତେଣୁ ମଣିଷର ଜୀବନ ହିଁ ରାମାୟଣ। ରାମ ଧର୍ମର ପ୍ରତୀକ। ରାମାୟଣର ଅର୍ଥ ରାମଙ୍କ ଅୟନ (ମାର୍ଗ)। ଧର୍ମରେ ରହିଲେ କାମକୁ ପ୍ରତିହତ କରିହୁଏ ଓ ଧନ ଓ କାମନାରୁ ମୁକ୍ତି ମିଳେ।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**
**ଦୂରଭାଷ : ୯୬୯୨୯୮୦୦୨୬**

# ବିଭେଦର କାରଣ ଓ ନିରାକରଣ

॥ ଅଜୟ କୁମାର ବେହେରା ॥

ଭଦରେ ବି ଉପସର୍ଗ ଲାଗିଛି ଏହାର ଅର୍ଥ ବିଶେଷ ଭେଦ ଭେଦ କାହିଁକି ? ଗତାନୁଗତିକ ଧାରାରେ ଯେଉଁ କାର୍ଯ୍ୟ ସର୍ବଜନ ହିତ ପାଇଁ ପ୍ରୟୋଗ କରାଯିବ ସେପରି କାର୍ଯ୍ୟ କରାଯାଉଥିଲେ ଭେଦ ଆସିବା ସମ୍ଭବନା କମ। ଯେଉଁ ଧର୍ମବିଧି ଓ ରାଜବିଧି ସ୍ଥିର କରାଯାଇ ଶାସନ ଧାର୍ଯ୍ୟ ସେଥିରେ ମଜ୍ଜି ରହି ସମୟ କାଟିଲେ କେହି ଇଁ ଚୁଁ ହୋଇପାରିବେ ନାହିଁ। ବରଂ ଲୋକେ ତାଙ୍କର ପ୍ରିୟ ଜାଣି ଆକୃଷ୍ଟ ହେବାକୁ ଲାଗିବେ। ଯେଉଁଠି ବିଧି ରହିଛି ସେଠାରେ ତାକୁ ଭଙ୍ଗ କରିଥାନ୍ତି ସ୍ୱାର୍ଥନ୍ୱେଷୀ। ଏମିତିକି ଲୋକାଚାର, ଧର୍ମଚାର, ପରି ବହୁ ଆଚାର ସଂହିତାର ଭଙ୍ଗ କରି ସ୍ୱାର୍ଥ ସିଦ୍ଧିରେ ମାର୍ଗୀଲୋକ ବିଭେଦକାରୀ। ବିଭେଦ ମାନେ ଡିଭାଇଡ ଆଣ୍ଡ ରୁଲ କରିବା ମାର୍ଗ। ଏକ ଗୋଷ୍ଠୀ, ଏକ ଦଳ, ଏକ ମତରେ ତିଷ୍ଠି ରହିବା ସ୍ତରକୁ ଛଳ କୌଶଳରେ ଛିନ୍ନଛତ୍ର ପୃଥକ କରି କାର୍ଯ୍ୟ ହାସଲ କରିବା ବିଭେଦ।

ବର୍ତ୍ତମାନ ଚାଲୁଥିବା ସବୁ ଧର୍ମ ସଂସ୍ଥାନରେ ବିଭେଦ ରହିଛି ଇସଲାମ ଧର୍ମରେ ସମସ୍ତେ ମୁସଲମାନ କହି ଏକକ ଧର୍ମୀୟ ଲୋକ କହିଲେ ବି ପ୍ରକୃତରେ ସେମାନେ ଦ୍ୱିମତରେ ଚଳୁଛନ୍ତି। ଖ୍ରୀଷ୍ଟଧର୍ମରେ ଏପରି ଦ୍ୱିମତ ରହିଛି। ବୌଦ୍ଧ ଧର୍ମରେ ଜୈନଧର୍ମରେ ଏଇ ବିଭେଦ ହିଁ ଧର୍ମକୁ ସଂକୁଚିତ କରିଛି। ଆମ ରାଜ୍ୟରେ ମହିମା ଧର୍ମ ମୁଖ୍ୟ କେନ୍ଦ୍ରରେ ଏମିତି ଦ୍ୱିମତଭାବ। ହିନ୍ଦୁ ଧର୍ମରେ ପ୍ରତି ଦେବତା ଉପାସନା ଅନୁଧ୍ୟାନ କଲେ ଏମିତି ଏକାଧିକ ମତ ଅଛି। ଚୈତନ୍ୟଙ୍କ ସହଜିଆ ବୈଷ୍ଣବ ଧର୍ମରେ ଏମିତି ବଙ୍ଗ ଉତ୍କଳ ମତ ବା ଜଗନ୍ନାଥ ଦାଶଙ୍କ ଅତିବଡ଼ୀ ସମ୍ପ୍ରଦାୟକୁ କେନ୍ଦ୍ର କରି ଚୈତନ୍ୟଙ୍କ ମତରେ ବଙ୍ଗୀୟ ବୈଷ୍ଣବମାନେ ଭିନ୍ନମତ ଭିନ୍ନ ପଥ ବାଛିଥିଲେ। ଏସବୁ କାରଣରୁ ଅନେକ ଧର୍ମପୀଠ ଅନୁଷ୍ଠାନ ମାନଙ୍କରେ ମାମଲା ଚାଲୁଛି, ଧର୍ମ ଅନୁଷ୍ଠାନ ଚାଲଉଥିବା ସମୟରେ ମତ ଫରକରୁ ରକ୍ତପାତ ପର୍ଯ୍ୟନ୍ତ ଘଟଣା ଘଟୁଛି। ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ସନ୍ତତି ପରସ୍ପର ଭାଇ ଭଉଣୀ ଏକଥା ସମସ୍ତେ ଭୁଲି ଯାଉଛନ୍ତି। ଭାଇଚାରା ରକ୍ଷା କଲେ ସମସ୍ତେ ଶାନ୍ତି ଜୀବନ ଯାପନ କରିପାରିବେ ଏକଥା ଭୁଲି ଯାଉଛନ୍ତି। ଏକ ଦେଶ, ଏକ ଜାତିରେ ଜନ୍ମିଥିବା ବ୍ୟକ୍ତି ମାନଙ୍କ ସ୍ୱଦେଶ ଜନ୍ମଭୂମିକୁ ଯଦି ମାଆ ସମ୍ମାନ ଦେଉଛନ୍ତି ତେବେ ପାଖ ଦେଶ ଲୋକ ସେପରି ତାଙ୍କ ଜନ୍ମଭୂମିକୁ ମାଆ କହୁଥିବେ ଏହା ବୁଝିବା ଦରକାର ଯଦି ମାଆ ମାଉସୀ ଭୂମି କହି ବନ୍ଧୁତ୍ୱ ରଖି ଭାଇ ଭଉଣୀ ସମ୍ପର୍କ ରଖିଲେ ଶାନ୍ତି ରହନ୍ତା ସୁଖ ମିଳନ୍ତା। ମାତ୍ର ଖାଲି ବିଭେଦ। ମୁଷ୍ଟିମେୟ ଲୋକ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବୃଥା ବିଭେଦ ସୃଷ୍ଟି କରି ନାନାଦି ଝିନଝଟ ଓ ରକ୍ତପାତ କରାଉଛନ୍ତି। ଅବୁଝା ଜିଦ ଓ ଅନ୍ଧବିଚାର ଏସବୁର କାରଣ।

ବାଘ ଓ ବକ୍ରୀ ନଦୀର ଏକ ଘାଟରେ ପାଣି ପିଅନ୍ତି। ସରକାରୀ ଆଦେଶରେ ଏଇ ସରକାରୀ ଆଦେଶ ସବୁ ଦେଶରେ ଅଛି। ପ୍ରକୃତରେ ଆଦି ସରକାର ମହାକାଶର ସର୍ବାଧାର ସୂର୍ଯ୍ୟ। ଯେ ନିତ୍ୟ ଅନ୍ଧକାର ହଠାଇ ଆଲୋକ ଦେଇ ଆସୁଛନ୍ତି ସତ୍ୟ ପ୍ରକାଶ ହିଁ ଆଲୋକ। ଭାଇଚାରାର ଆକର୍ଷଣର କେନ୍ଦ୍ରବିନ୍ଦୁକୁ ସେହି ମହାଆକାଶର ଚନ୍ଦ୍ର, ଶାନ୍ତ ଯୋସ୍ନା ରାତ୍ରୀରେ ସବୁ ଭୂମିରେ ବିଚ୍ଛୁରିତ କରି ଲୋକଙ୍କୁ ଅନ୍ଧକାରରେ ବି ଆଲୋକ ଦେଉଛନ୍ତି। ରାତ୍ରମାନେ ଲୁଚି ରହିଥିବା ବିରୋଧ ଭାବ ନେତିନେତି ଭାବ ରେ ଭାବନ୍ତର କରେ ଏଇ ଚନ୍ଦ୍ର। ଜ୍ୟୋତିଷ ଶାସ୍ତ୍ରରେ ଅଛି ରବି ଓ ଚନ୍ଦ୍ରଙ୍କର ଶତ୍ରୁ ରାହୁ। ଏହି ଗ୍ରହ ଖଣ୍ଡିଆ ଗ୍ରହ, ଗୋଠ ମାତିଲେ ଖଣ୍ଡିଆ ମାତନ୍ତି, ଖଣ୍ଡିଆ ମାନେ ବିଫଳ ହୋଇଥିବା ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ଯେଉଁମାନେ ଏକ ଚିର ଶାନ୍ତିକୁ ଭଙ୍ଗ ପାଇଁ ରାଜକାନୁନ ଓ ଭାଇଚାରାକୁ ଭାଙ୍ଗିବାକୁ ପ୍ରୟାସ କରନ୍ତି। ସାମୟିକ ରବିଙ୍କ ତେଜ ମ୍ଳାନ ହୋଇପାରେ ଚନ୍ଦ୍ରଙ୍କର ଜ୍ୟୋସ୍ନା କମି କମି ଯାଏ ପୁଣି ବଢ଼ି ବଢ଼ି ଯାଇପାରେ ଅତଏବ ରାଜକାନୁନ ଭାଇଚାରା ପରିସ୍ଥିତିକୁ ପୁନଃ ଶାନ୍ତ କରାଇ ଦେଇଥାଏ।

ରାହୁ ଯେକୌଣସି ଶାନ୍ତ ସ୍ଥାନକୁ ଅଶାନ୍ତ କରାଇପାରେ ଏ ପାଇଁ ପ୍ରତି ବାସ୍ତୁଭୂମିରେ ଈଶାନ କୋଣରେ ରୁଦ୍ର ମହାଶୂଳ ଧରି ନୈଋତର ଅଧିକାରୀ ରାହୁ ଉପରେ ଦୃଷ୍ଟି ରଖିଛନ୍ତି। ରୁଦ୍ର ଈଶାନଙ୍କ ତପସ୍ୟା କାଳରେ ଏ ରାହୁ କାଣ୍ଡ ଆରମ୍ଭ କରିପାରେ, ହେଲେ ୩ୟ ନୟନ ରୁଦ୍ରଙ୍କ ଖୋଲିଲେ ରାହୁ ନମଲେ ବି ନିଷ୍କ୍ରିୟ ହୋଇପାରେ। ଈଶାନର ମାଲିକ ଗ୍ରହ ମଧ୍ୟରେ ବୃହସ୍ପତି ଯେ ରବି ଓ ଚନ୍ଦ୍ରଙ୍କର ମିତ୍ର ଯେ ଦେବଗୁରୁ ପକ୍ଷାନ୍ତରେ ଦେବତାଙ୍କର ଉପଦେଶଦାତା ଆଇନ ଶାସ୍ତ୍ରର ସ୍ରଷ୍ଟା। ଆଇନ ଶାସ୍ତ୍ର ହିଁ ସର୍ବ ରକ୍ଷାର ମୂଳ ଉତ୍ସ ଯାହା ଦଣ୍ଡ ସଂହିତା ଦଣ୍ଡ ସଂହିତାକୁ କାୟମ କରନ୍ତି ମଙ୍ଗଳ ଓ ଶନି। ଏ ସର୍ବଦା ରାହୁର ସ୍ଥଳୀକୁ ଘେରି ରହିଛନ୍ତି। ମଙ୍ଗଳ (ଯମ) ଦକ୍ଷିଣରେ ଶନି(ବରୁଣ) ପଶ୍ଚିମରେ। ଏମିତି ସୃଷ୍ଟି ଆରମ୍ଭରୁ ଛକା ପଞ୍ଝା ସମୟ ଅତିବାହିତ ହେଉଛି। ଦିଗପାଳମାନେ ଢ଼ିଲା ମାରିଲେ ସର୍ବତ୍ର ଅଶାନ୍ତି ବ୍ୟାପେ, ଦିଗପାଳ କହିଲେ ପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କୁ ବୁଝାଏ। ଏମାନେ କାମକୁ ସ୍ୱ ସ୍ୱାର୍ଥରେ ନେଲେ ସମୟବୃଥା ଅପଚୟ କଲେ ସର୍ବ୍ର ଅଶାନ୍ତି ଉପୁଜିବା ନିଶ୍ଚିତ। ବିଭେଦର କାରଣର ନିରାକରଣ ଅର୍ଥ ଗତାନୁଗତିକ ଠିକ ଶାସନ ଚାଲିଲେ କେଉଁଠି କିଛି ଅଘଟଣ ଘଟି ନପାରେ। ପୃଥିବୀ ନଟୁ ପରି ଘୁରି ଚାଲିବ ଲୋକେ ଶାନ୍ତିରେ ରହିଥିବେ।

# ପାର୍ବଣରେ ଜୁଆର ଜାଲ ବିଛେଇବାକୁ ମାଫିଆଙ୍କ ପ୍ରସ୍ତୁତି

ମୋହନା, ୧୩/୯ : ପାର୍ବଣ ଋତୁ ପାଖେଇ ଆସୁଥିବା ବେଳେ ଗଜପତି ଜିଲ୍ଲାର ମୋହନା, ରା.ଉଦୟଗିରି ଓ ନୂଆଗଡ଼ ଭଳି ଅଞ୍ଚଳରେ ବେଆଇନ ଜୁଆ ଆସର ବସିବା ନେଇ ଆଶଙ୍କା ପ୍ରକାଶ ପାଇଛି । ବାହାର ଅଞ୍ଚଳର କିଛି ଜୁଆ ଖେଳାଳି ପାର୍ବଣ ସମୟରେ ଏଠାକୁ ଆସି ନିର୍ଜନ ଆମ୍ବତୋଟା, ବିଲ ଓ ଜଙ୍ଗଲ ଅଞ୍ଚଳରେ ଜୁଆ ଆସର ଜମାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଜୁଆ ଯୋଗୁଁ ଗରିବ ପରିବାର ଆର୍ଥିକ କ୍ଷତିରେ ପଡ଼ିବା ସହ ଏହାକୁ କେନ୍ଦ୍ର କରି ଚୋରି, ରାହାଜାନି ଭଳି ଅପରାଧ ବଢ଼ିବାର ଆଶଙ୍କା ରହିଥିବାରୁ ପାର୍ବଣ ପୂର୍ବରୁ ପୋଲିସର ଆଗୁଆ ନଜରଦାରି ଦାବି ହୋଇଛି । ଗଞ୍ଜେଇ ଦମନ କ୍ଷେତ୍ରରେ ରା.ଉଦୟଗିରି ଏସଡିପିଓ ରାକେଶ ସାହୁଙ୍କ ତତ୍ପରତା ଓ ଦୃଢ଼ ନେତୃତ୍ୱକୁ ସ୍ଥାନୀୟ ମହଲ ପ୍ରଶଂସା କରୁଛି । ବିଭିନ୍ନ ସମୟରେ ଗୁଇନ୍ଦା ସୂଚନା ଆଧାରରେ ଚଢ଼ାଉ ଓ ଅବୈଧ କାରବାର ବିରୋଧରେ ପଦକ୍ଷେପ ନିଆଯାଇଥିବାରୁ ତାଙ୍କ ନେତୃତ୍ୱ ଉପରେ ଅଞ୍ଚଳବାସୀଙ୍କ ଭରସା ରହିଛି ।

ସେହିଭଳି ପାର୍ବଣ ପୂର୍ବରୁ ଜୁଆ ଆଡ୍ଡାର ସମ୍ଭାବ୍ୟ ସ୍ଥାନ ଚିହ୍ନଟ କରି ଗୁଇନ୍ଦା ସୂଚନା ସଂଗ୍ରହ ଓ ଆବଶ୍ୟକସ୍ଥଳେ ଚଢ଼ାଉ କରାଗଲେ ଜୁଆ ଚକ୍ରକୁ ଆରମ୍ଭରୁ ରୋକାଯାଇପାରିବ ବୋଲି ବୁଦ୍ଧିଜୀବୀ ମହଲ ମତ ଦେଇଛି । ପାର୍ବଣ ସମୟରେ ଅଞ୍ଚଳର ଶାନ୍ତି ଓ ଆଇନଶୃଙ୍ଖଳା ବଜାୟ ରଖିବା ସହ ଜୁଆ ଭଳି ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ଏସଡିପିଓ ରାକେଶ ସାହୁ ଓ ଜିଲ୍ଲା ପୋଲିସ ପ୍ରଶାସନ ଆଗୁଆ ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।

## ଓଡ଼ିଶା ସାମ୍ବାଦିକ ମହାସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ




ଖଣ୍ଡପଡ଼ା/ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍? ଅଧୀନ ପ୍ରସିଦ୍ଧ ଶ୍ରୀନୀଳମାଧବ ପୀଠ କଣ୍ଟିଲୋଠାରେ ନବଗଠିତ 'ଓଡ଼ିଶା ସାମ୍ବାଦିକ ମହାସଂଘ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଦେବୀ ପ୍ରସାଦ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିରେ ମହାସଂଘର ଉପସଭାପତି ଶୁଭ୍ରାଂଶୁ ମହାରଣା, ସାଧାରଣ ସମ୍ପାଦକ ଅଖିଳ ବିହାରୀ ପାଣିଗ୍ରାହୀ, ସହ-ସମ୍ପାଦକ ବ୍ରଜବନ୍ଧୁ ଦେହୁରୀ ଓ କୋଷାଧ୍ୟକ୍ଷ ଭବାନୀ ଶଙ୍କର ସିଂହସାମନ୍ତ ପ୍ରମୁଖ ଉପସ୍ଥିତ ରହି ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମତାମତ ରଖିଥିଲେ । ରାଜ୍ୟର ସମସ୍ତ ଜିଲ୍ଲାରେ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବା ଏବଂ ସେମାନଙ୍କ ସ୍ୱାର୍ଥ ରକ୍ଷା କରିବା ମହାସଂଘର ମୁଖ୍ୟ ଲକ୍ଷ୍ୟ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଅନ୍ୟ ରାଜ୍ୟ ଭଳି ଓଡ଼ିଶା ସରକାର ମଧ୍ୟ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପେନସନ, ସୁରକ୍ଷା ଓ ଉପଯୁକ୍ତ ସମ୍ମାନ ପ୍ରଦାନ ନିମନ୍ତେ ଦୃଷ୍ଟି ଦେବାକୁ ବରିଷ୍ଠ ସଦସ୍ୟମାନେ ଦାବି କରିଥିଲେ । ଏହି ଅବସରରେ ଆସନ୍ତା ଡିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଗଣିଆ ବ୍ଲକ୍? ଅଧୀନ ମା' କଳାପାଟ ଠାକୁରାଣୀଙ୍କ ପୀଠରେ ଏକ ଭବ୍ୟ ରାଜ୍ୟସ୍ତରୀୟ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବା ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଆଗାମୀ ଦିନରେ ସାମ୍ବାଦିକଙ୍କ ସୁରକ୍ଷା ସହ ସାମାଜିକ କଲ୍ୟାଣ କ୍ଷେତ୍ରରେ ମହାସଂଘ ସକ୍ରିୟ ଭୂମିକା ଗ୍ରହଣ କରିବ ବୋଲି ସ୍ଥିର ହୋଇଛି । ଶେଷରେ ବରିଷ୍ଠ ସଦସ୍ୟ ଭୂପେନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।


## ୫୫ତମ କେଭିଏସ୍ ଜାତୀୟ ସ୍କେଟିଂ ଚମ୍ପିଆନସିପ୍ ରେ ଓଡ଼ିଶାକୁ ଦୁଇଟି କାଂସ୍ୟ ପଦକ




ଗଜପତିଙ୍କୁ ଗୌରବାନ୍ୱିତ କରି, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଗଜପତିର ୯ମ ଶ୍ରେଣୀର ସୁଶ୍ରୀ ଶାମ୍ଭବୀ ସାହୁ ୫୫ତମ କେଭିଏସ୍ ଜାତୀୟ କ୍ରୀଡ଼ା ମିଟ୍ - ୨୦୨୬ରେ, ୧୦୦୦ ମିଟର ଏବଂ ୩୦୦୦ ମିଟର ରୋଲର୍ ସ୍କେଟିଂ (ଅଣ୍ଡର-୧୭ ଝିଅ ବର୍ଗ)ରେ ୨ଟି କାଂସ୍ୟ ପଦକ ଜିତିଛନ୍ତି । ଏହି ପ୍ରତିଷ୍ଠିତ ମିଟ୍? ଯାହା ୭ ସେପ୍ଟେମ୍ବରରୁ ୧୧ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପୁଡୁଚେରୀ ଠାରେ ଆୟୋଜିତ ହୋଇଥିଲା ଏଥିରେ ଭାରତର ୨୫ଟି କେଭିଏସ୍ ଜୋନ୍ ରୁ ୫୦୦ରୁ ଅଧିକ ପ୍ରତିଭାଗୀ ବିଭିନ୍ନ କ୍ରୀଡ଼ା ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଭୁବନେଶ୍ୱର ଜୋନ ଦଳରେ ୧୮ ଜଣ ଛାତ୍ରଛାତ୍ରୀ ଥିଲେ, ଯାହାମଧ୍ୟରୁ ୩ ଜଣ - ସୁଶ୍ରୀ ଶମ୍ଭବୀ ସାହୁ, ୟୁ. ସାନଭୀ ଏବଂ ଅଭିରାଜ ଜେନା ପିଏମ୍ ଶ୍ରୀ କେଭି ଗଜପତିକୁ ପ୍ରତିନିଧିତ୍ୱ କରିଥିଲେ । ସୁଶ୍ରୀ ଶାମ୍ଭବୀଙ୍କ ଦୁଇଟି ପୋଡିଅମ୍ ଫିନିସ୍ ତାଙ୍କର ଅବିରତ କଠିନ ପରିଶ୍ରମ ଏବଂ ନିଷ୍ଠାପୂର୍ଣ୍ଣ ପ୍ରଶିକ୍ଷଣର ଫଳ । ସେ କୋଚ୍ ସୁକାନ୍ତ ଦଳବେହେରା, ଗଜପତି ଜିଲ୍ଲା ରୋଲର୍ ସ୍କେଟିଂ ଆସୋସିଏସନ୍?ର ଅଧ୍ୟକ୍ଷ ଶ୍ରୀ ମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିତ ହୋଇଥିଲେ ଏବଂ ଚରଞ୍ଜ ଶ୍ରୀ କେ. ଶ୍ୟାମ ପ୍ରସାଦଙ୍କ ଦ୍ୱାରା ମାର୍ଗଦର୍ଶନ ପାଇଥିଲେ । ତାଙ୍କର ଏହି ସଫଳତାରେ ପିତା ଶ୍ରୀ ଅଜିତ କୁମାର ସାହୁ, ମାତା ଶ୍ରୀମତୀ ଉର୍ମିଳା ପୃଷ୍ଟି ଏବଂ ଜେଜେମା ସାରସ୍ ଲତା ସାହୁ ଖୁସି ପ୍ରକାଶ କରିଛନ୍ତି । ପିଏମ୍ ଶ୍ରୀ କେଭି ଗଜପତିର ପ୍ରିନସିପାଲ ଏବଂ କର୍ମଚାରୀବୃନ୍ଦ ସୁଶ୍ରୀ ଏବଂ ସମସ୍ତ ଅଂଶଗ୍ରାହୀଙ୍କୁ ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏବଂ ଭୁବନେଶ୍ୱର ଜୋନ ଓ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି ।

## ରୋଗୀଙ୍କୁ ଶୋଷଣ ଅଭିଯୋଗ

ଓଡ଼ଗାଁ, ୧୩-୯-/():ନୟାଗଡ଼ରେ ବେଆଇନ କ୍ଲିନିକ୍ ଉପରେ କଂଗ୍ରେସ ଟିମ୍ ଅଙ୍ଗୁଳି ଉଠାଇବା ପରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି ।ଏହାକୁ ନେଇ ଡ଼ାକ୍ତରଙ୍କ ମନରେ ଛନକାପଶି ଯାଇଛି ।ନୟାଗଡ଼ ପରେ ଓଡ଼ଗାଁ ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ ଡ଼ାକ୍ତରଙ୍କ ମନମାନିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଲୋକେ ।ପଞ୍ଚିରିଡ଼ା ଛକରେ ଥିବା କ୍ଲିନିକ୍ ରେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡ଼ା.ତାପସ ସେନାପତି ସ୍ପେସାଲିଷ୍ଟ ପରିଚୟ ଦେବା ସହିତ ଚର୍ମ,ମଧୁମେହ ଆଦି ଚିକିତ୍ସା କରିବାକୁ ବୋର୍ଡ଼ମାରି ରୋଗୀ ଦେଖୁଛନ୍ତି ।ସେ କେ ?।ଣସି ଡ଼ିଗ୍ରି ହାସଲ ନକରି ଦୁଇ,ତିନୋଟି ବିଭାଗରେ ଡ଼ିଗ୍ରୀ କରିଥିବା ବୋର୍ଡ଼ରେ ଉଲ୍ଲେଖ କରିଛନ୍ତି ।ଏବେ ରୋଗୀ ଶୋଷଣ ଅତିଷ୍ଠ ହୋଇପଡ଼ିବାରୁ ସ୍ଥାନୀୟ ଲୋକେ ଗତକାଲି ନୟାଗଡ଼ ସିଡ଼ିଏମଓଙ୍କ ନିକଟରେ ବେଆଇନ୍ ଚିକିତ୍ସା ଚାଲିଥିବାନେଇ ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ ଡ଼ା ସେନାପତି କ୍ଲିନିକ୍ ରେ ରୋଗୀ ଦେଖିବାପାଇଁ ସିଡ଼ିଏମଓଙ୍କ ଅନୁମତି ନେଇନଥିବା ସିଡ଼ିଏମଓ ସୁଶାନ୍ତ କୁମାର ସ୍ୱାଇଁ କହିଛନ୍ତି ।ଶରଣକୁଳ ଡ଼ାକ୍ତରଙ୍କ ନାମରେ ଅନେକ ଅଭିଯୋଗ ରହିଛି ।ଆମେ ସରକାରଙ୍କୁ ଜଣାଇଛୁ ଓ ଖୁବଶିଘ୍ର କାର୍ଯ୍ୟାନୁଷ୍ଠାନ ହେବବୋଲି କହିଛନ୍ତି ।ସେ ଆହୁରି କହିଛନ୍ତି ଡ଼ା.ସେନାପତି ଆମଠାରୁ କେ ?।ଣସି ଅନୁମତି ନେଇନାହାଁନ୍ତି ।ଆମେ ଖୁବ୍ ଶୀଘ୍ର ଏହାଉପରେ ଦୃଷ୍ଟି ଦେବୁ ।ଏହିପରି ଓଡ଼ଗାଁ ବ୍ଲକରେ ମାଳ ମାଳ କ୍ଲିନିକ୍ ଖୋଲି ରୋଗୀଙ୍କୁ ଶୋଷଣ କରାଯାଉଛି ।ଏହାର




## ନୂଆଁଖାଇ ପୂର୍ବରୁ ମାଁ ସମଲେଶ୍ୱରୀଙ୍କ ସ୍ୱତନ୍ତ୍ର ନୀତି, ହେଲା ସିନ୍ଦୂର ଲାଗି

ସମ୍ବଲପୁର: ନୂଆଁଖାଇ ପାଇଁ ମାଁ ସମଲେଶ୍ୱରୀଙ୍କ ଠାରେ ଆଜି ନୂତନ ସିନ୍ଦୁର ଲାଗି ହୋଇଛି । ପ୍ରଥମେ ଶ୍ରୀ ଗଣେଶଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିବା ପରେ ମାଁ ସମଲେଶ୍ୱରୀଙ୍କ ପାର୍ଶ୍ୱରେ ଥିବା ୧୧୫ ଦେବାଦେବୀଙ୍କୁ ନୂତନ ସିନ୍ଦୂର ଲାଗି କରାଯାଇଥିଲା । ପୂଜକ ମାନେ ମିଶି ଏହି କାର୍ଯ୍ୟ ସମାପନ କରିଥାନ୍ତି । ଆଜି ସିନ୍ଦୁର ଲାଗି ପରେ ମନ୍ଦିରର ଚତୁଃପାର୍ଶ୍ୱକୁ ସଫା କରାଯାଇଥାଏ । ଏହାପରେ ମାଁ ଙ୍କ ଠାରେ ଲାଗିଥିବା ଗହଣାକୁ ମଧ୍ୟ ସଫା କରାଯାଇଥାଏ । ମନ୍ଦିର ପ୍ରଶାସନ, ପୂଜକ ଓ ପୋଲିସର ଉପସ୍ଥିତିରେ ଏହି ଗହଣା ସଫା କରାଯାଇଥାଏ । ନୂଆଁଖାଇ ପାଇଁ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ଚାଲିଥିବା ଏହି ପାରମ୍ପରିକ ପ୍ରସ୍ତୁତିକୁ ନେଇ ଭକ୍ତମାନଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ଦେଖାଦେଇଛି । ନୂଆଁଖାଇର ମୁଖ୍ୟ ପର୍ବ ପୂର୍ବରୁ ମାଁଙ୍କ ନିକଟରେ ସମସ୍ତ ରୀତିନୀତି ସୁଚାରୁ ଭାବେ ସମ୍ପନ୍ନ କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି ।



## କାମ ସରିଗଲା ପରେ ଦାଇତ୍ୱକୁ ଭୁଲିଗଲେ ନୀଳଗିରି ବେପାରୀ !

ରାଇଘର:(ମହାଭାରତ)ରାସ୍ତା ଲୋକଙ୍କ ଯାତାୟାତ ପାଇଁ ହେଲେ ଏବେ ସେହି ରାସ୍ତା ହିଁ ପାଲଟିଛି ବିପଦର କାରଣ। ନୀଳଗିରି ବ୍ୟବସାୟୀଙ୍କ ମନମାନି ଯୋଗୁଁ ରାସ୍ତା ଉପରେ ଛଡ଼ାଯାଉଛି ନୀଳଗିରି ଗଛର ଚୋପା। ଫଳରେ ପଥଚାରୀଙ୍କ ଠାରୁ ଆରମ୍ଭ କରି ମଟରସାଇକେଲ ଓ ସାଇକେଲ ଚାଳକଙ୍କ ପାଇଁ ଏହି ରାସ୍ତା ବିପଦପୂର୍ଣ୍ଣ ହୋଇପଡ଼ିଛି। ସୂଚନା ଅନୁଯାୟୀ ଗଞ୍ଜାପାରା ପଞ୍ଚାୟତ ଅନ୍ତର୍ଗତ ହାତିବେନା ଆଦିବାସୀ ଅଞ୍ଚଳକୁ ଯାଇଥିବା ରାସ୍ତା ଉପରେ କୁଢ଼ କୁଢ଼ ହୋଇ ପଡ଼ିରହିଛି ନୀଳଗିରି ଚୋପା। ଦୈନିକ ଏହି ରାସ୍ତା ଦେଇ ମଟରସାଇକେଲ ସାଇକେଲ ସମେତ ବିଭିନ୍ନ ଯାନବାହନ ଚଳାଚଳ କରୁଛି। ରାସ୍ତା ଉପରେ ଏଭଳି ଭାବେ ଚୋପା ପଡ଼ିରହିବା ଯୋଗୁଁ ଗାଡ଼ିର ଚକ ଖସିଯିବାର ଆଶଙ୍କା ରହିଛି ।ବିଶେଷକରି ଦୁଇଚକିଆ ଯାନ ଚାଳକଙ୍କ ପାଇଁ ଏହା ବଡ଼ ବିପଦ ସୃଷ୍ଟି କରିଛି। କୌଣସି ସମୟରେ ଚାଳକଙ୍କ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିପାରେ। ଏକ ଛୋଟ ଅସାବଧାନତା କାହାର ଜୀବନକୁ ବିପଦରେ ପକାଇଦେବ,ତାହା କହିହେବ ନାହିଁ ।ଲୋକଙ୍କ ପାଇଁ ନିର୍ମିତ ରାସ୍ତା ଯଦି କିଛି ବ୍ୟବସାୟୀଙ୍କ ଅସାବଧାନତା ଓ ମନମାନି ପାଇଁ ମରଣଯନ୍ତାରେ ପରିଣତ ହୁଏ ତେବେ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ତେଣୁ ରାସ୍ତା ଉପରେ ପଡ଼ିଥିବା ନୀଳଗିରି ଚୋପା ତୁରନ୍ତ ହଟାଇବା ସହ ଏଭଳି ଭାବେ ରାସ୍ତା ଅବରୋଧ କରି କାର୍ଯ୍ୟ କରୁଥିବା ବ୍ୟବସାୟୀଙ୍କ ଉପରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।ପ୍ରଶ୍ନ ଉଠୁଛି ଅଘଟଣ ଘଟିବା ପରେ ପ୍ରଶାସନ ଜାଗିବ ନା ତା'ପୂର୍ବରୁ ରାସ୍ତାକୁ ବିପଦମୁକ୍ତ କରାଯିବ ?



## ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ପଦାଙ୍କ ବିକଶିତ ଓଡ଼ିଶା ଗଠନ-୨୦୩୬ ର ଉପାଦାନ ହେଉ

ପାରାଳାଖେମୁଣ୍ଡି, (ମହାଭାରତ) : ଭାଷା ଆନ୍ଦୋଳନ, ଓଡ଼ିଶା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଏବଂ ଶବ୍ଦସ୍ପର୍ଶ ମିଳିତ ଆନୁକୁଲ୍ୟରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଗଜପତି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଦେବଙ୍କ କୀର୍ତ୍ତି ଓ କୃତିତ୍ୱ ଉପରେ ୧୨ ଏବଂ ୧୩ ତାରିଖରେ ମହାରାଜଙ୍କ କୃତିତ୍ୱ ପରିଦର୍ଶନ କରିବା ସହିତ ଏକ କର୍ମଶାଳା ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।




ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ଉଦ୍?ଘାଟନ କରି ବିଶିଷ୍ଟ ଶିକ୍ଷାବିତ୍? ତଥା ପ୍ରଫେସର ଦାସ ବେନହୁର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଗଜପତି ମହାରାଜାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶା ଗଠନ ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ବ୍ୟବସ୍ଥାର ବିକାଶ କ୍ଷେତ୍ରରେ ଗଜପତି ମହାରାଜାଙ୍କ ଉଲ୍ଲେଖନୀୟ ଅବଦାନ ରହିଥିବା ସେ କହିଥିଲେ । ଭାଷା ଆନ୍ଦୋଳନର ଆବାହକ ତାଙ୍କ ସ୍ୱାଗତ ଭାଷଣରେ କହିଥିଲେ ଯେ, ଗଜପତି ମହାରାଜାଙ୍କ କୀର୍ତ୍ତି ଓ କୃତିତ୍ୱକୁ ନେଇ ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଅନୁରୂପ କର୍ମଶାଳା ଓ ଆଲୋଚନା ଚକ୍ର ଆୟୋଜନ କରାଯିବା ସହ ଏହା ମାଧ୍ୟମରେ ଗଜପତି ମହାରାଜାଙ୍କ ଅବଦାନ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବ ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଗଜପତିଙ୍କ ସ୍ମୃତିଚାରଣ କରିବା ସହ ଅବଦାନ ଅନୁରୂପ ସରକାରୀ ସମ୍ମାନ ପାଇବାରୁ ମହାରାଜ ବଞ୍ଚିତ ହୋଇଥିବା ନେଇ କ୍ଷୋଭ ପ୍ରକଟ କରିଥିଲେ । ଅନ୍ୟତମ ଅତିଥି ଭାବେ ଭାଜପା ମୁଖପାତ୍ର ତଥା ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ପାଠ୍ୟକ୍ରମରେ ଗଜପତିଙ୍କ ଅନୁକରଣୀୟ ଜୀବନୀକୁ ସ୍ଥାନିତ କରିବା ପାଇଁ ପ୍ରୟାସ ରଖିବେ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରଫେସର ଉଦୟନାଥ ସାହୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ଏବଂ ଆଧୁନିକ ଓଡ଼ିଶା ନିର୍ମାଣରେ ଗଜପତି ମହାରାଜାଙ୍କ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ନଟବର ଖୁଣ୍ଟିଆ, ଗବେଷକ ସତ୍ୟନାରାୟଣ ମହାପାତ୍ର, ଭାଷାବିତ୍ ଦେବାଶିଷ ମହାପାତ୍ର, ପ୍ରାଧାପିକା ବିଜୟଲକ୍ଷ୍ମୀ ଦାସ, ଶର୍ମିଷ୍ଠା ମହାପାତ୍ର, ଅଧ୍ୟାପକ କଳ୍ପତରୁ ନାୟକ ପ୍ରମୁଖ ଯୋଗଦେଇ ଗଜପତି ମହାରାଜାଙ୍କର ଓଡ଼ିଶା ଗଠନରେ ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଓଡ଼ିଶା ଗଠନ ପରବର୍ତ୍ତୀ ପୃଷ୍ଠଭୂମିରେ ଗଜପତିଙ୍କ ଭୂମିକା ପ୍ରତିପାଦନ ପୂର୍ବକ ସଚିତ୍ର ପୁସ୍ତକ ପ୍ରକାଶନ, ଶିକ୍ଷାନୁଷ୍ଠାନରେ ଆବଶ୍ୟକୀୟ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି, ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର , ବିକୃତ ବା ଅତିରଞ୍ଜିତ ଇତିହାସର ପୁନଃଲିଖନ ଇତ୍ୟାଦି ପ୍ରସ୍ତାବ ସଭାଧ୍ୟକ୍ଷ ଶ୍ରୀ କରଙ୍କ ପ୍ରସ୍ତାବନାରେ ପାରିତ ହୋଇଥିଲା । ଏହି ସଭାରେ ୮୭୮ ଦିନର କଳାପତାକା ଅଭିଯାନ ରେ ସାମିଲ ହୋଇଥିବା ପ୍ରାୟ ୫୦ ରୁ ଅଧିକ ଭାଷା ଯୋଦ୍ଧା, ସମସ୍ତ ଶିକ୍ଷାବିତ ତଥା ପାରଳା ଗଜପତି ବିକାଶ ମଞ୍ଚକୁ ସମ୍ବର୍ଦ୍ଧିତ କରାଯାଇ ଉତ୍ସାହ ପ୍ରଦାନ କରାଯାଇଥିଲା । ସାଗର ରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରଥିବା କରିଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ରାଜକିଶୋର ପାଣିଗ୍ରାହୀ ଏବଂ ସାରଦା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ।

## କାରିଗର ଗଣପତିଙ୍କୁ ଦେଉଛନ୍ତି ଶେଷ ସ୍ପର୍ଶ



ଉଦଳା,(ମହାଭାରତ): ନିଜେ ଦିବ୍ୟାଙ୍ଗ, ହେଲେ ଠାକୁର ଙ୍କ ରୂପ ଗଢି ଦେଉଛନ୍ତି ଭିନ୍ନ ରଙ୍ଗ। ତାଙ୍କ ହାତରେ ମୂର୍ତ୍ତି ପାଉଛନ୍ତି ଶେଷ ସ୍ପର୍ଶ। ଦେଖନ୍ତୁ ଜଣେ ଦିବ୍ୟାଙ୍ଗ କାରିଗରଙ୍କ ମୂର୍ତ୍ତି ଗଢ଼ା ର ମାହୋଲ କୁ ନେଇ ଆମର ଏହି ସ୍ପେସିଆଲ ରିପୋର୍ଟ।କେଉଁଠି ଶେଷ ନାଗ ଉପରେ ଗଣେଷ, ଆଉ କେଉଁଠି ଶିବ ଲିଙ୍ଗ ଉପରେ ତ ପୁଣି କେଉଁଠି ଠାକୁର ଙ୍କର ମତ୍ସ୍ୟ ଅବତାର। ଯେଉଁ ମୂର୍ତ୍ତି ସବୁ ଦେଖିଲେ ଆଖି ଲାଖିଯିବ। ହେଲେ ସେହି ମୂର୍ତ୍ତି କାରିଗର ହେଉଛନ୍ତି ଜଣେ ଦିବ୍ୟାଙ୍ଗ। ଆମେ କହୁଛୁ କପ୍ତିପଦା ବ୍ଲକ ନୂଆସାହି ଗ୍ରାମର ମୂର୍ତ୍ତି କାରିଗର ସାଗର ପଢିଆର କଥା। ସେ ନିଜେ ଦିବ୍ୟାଙ୍ଗ, ଭଲ ଭାବେ ଚାଲି ପାରନ୍ତି ନାହିଁ। ହେଲେ ମୂର୍ତ୍ତି ଗଢିବାରେ ସେ ସମ୍ପୂର୍ଣ୍ଣ ସିଦ୍ଧହସ୍ତ। ଦୀର୍ଘ ୧୫ ବର୍ଷ ରୁ ଅଧିକ ହେବ ସେ ଏହିପରି ମୂର୍ତ୍ତି ତିଆରି କରି ଆସୁଛନ୍ତି। ନିଜେ ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ମାଟି ପିଣ୍ଡୁଳା କୁ ମୂର୍ତ୍ତି ର ରୂପରେଖ ଦେଇ ଆସୁଛନ୍ତି। ଅନ୍ୟ ମୂର୍ତ୍ତି କାରିଗର ଙ୍କ ଅପେକ୍ଷା ବହୁତ ଅଧିକ ଯଦିଓ ନୁହେଁ ହେଲେ ଭିନ୍ନ ଧରଣର ଆଉ ସୁନ୍ଦର ମୂର୍ତ୍ତି ଗଢିଥାନ୍ତି ସାଗର। ମୂର୍ତ୍ତି ର ସୁନ୍ଦରତା ପାଇଁ ତାଙ୍କ ପାଖରେ ଲାଗେ ଲୋକଙ୍କ ଭିଡ଼। ଆଉ ଦିନକ ପରେ ଗଣେଷ ପୂଜା ଥିବା ରୁ ଆଉ ସାଗର ଙ୍କ ହାତକୁ ଫୁରସତ ନାହିଁ। କିଭଳି ଭାବେ ନେଇଥିବା ଅର୍ଡର ମୁତାବକ ମୂର୍ତ୍ତି ଲୋକଙ୍କୁ ଯୋଗାଇ ଦେବେ ସେ ନେଇ ସମ୍ପୂର୍ଣ୍ଣ ବ୍ୟସ୍ତ ସାଗର। ସାଗର ନିଜେ କାମ କରିବା ସହିତ ଅନ୍ୟ ଦୁଇ ରୁ ତିନି ଜଣ ଯୁବକ ମଧ ତାଙ୍କ ସହିତ କାମରେ ନିୟୋଜିତ ଅଛନ୍ତି। ନିଜେ ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ନିଜର କୌଶଳ ରେ ସେ ତିଆରି କରୁଥିବା ମୂର୍ତ୍ତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ମୁଣ୍ଡ ଉପରେ ଗୋଟିଏ ଦିନ ଥିବାରୁ କିଭଳି ମୂର୍ତ୍ତି ସବୁ ପ୍ରସ୍ତୁତ ହୋଇ ଲୋକଙ୍କୁ ଦିଆଯାଇପାରିବ ସେ ନେଇ ସାଗର ଙ୍କ ସହିତ ସମସ୍ତେ ତତ୍ପର। ସାଗରଙ୍କୁ ତାଙ୍କ ସ୍ତ୍ରୀ ଅନୁପ୍ରାଣିତ କରୁଥିବା ସେ କହିଛନ୍ତି। ସରିବ ହେଲେ ସାଗର ଙ୍କ ଏହି ମୂର୍ତ୍ତି ତିଆରି କଳା ନିଶ୍ଚିତ ଅନ୍ୟ ମାନଙ୍କୁ ପ୍ରେରଣା ଯୋଗାଇବ। ଏହା ସହିତ ସାଗରଙ୍କ ହାତ ତିଆରି ମୂର୍ତ୍ତି ମଣ୍ଡପର ଶୋଭା ବଢାଇବ ବୋଲି ଆଶା।

## ଟ୍ରକ୍ ଡ୍ରାଇଭରଙ୍କୁ ସାହାଯ୍ୟ ବାହାନାରେ ଲୁଟ୍, ୨ ଅଭିଯୁକ୍ତ ଗିରଫ

ଜୟପୁର: ସାହାଯ୍ୟ କରିବା ବାହାନାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଘଟଣାରେ ଟାଉନ୍ ଥାନା ପୁଲିସକୁ ସଫଳତା ମିଳିଛି। ପୁଲିସ ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ନଗଦ ୩୦ ହଜାର ଟଙ୍କା ଓ ୨ଟି ମୋବାଇଲ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗଡ଼ପଦର ହରିଜନ ସାହିର ଗୋଲ୍ଡି ସେଖ୍(୨୪) ଏବଂ ପେପର୍ ମିଲ୍ ଅଞ୍ଚଳର ସି.ଏଚ୍. କ୍ରାନ୍ତି(୨୦)।ସୂଚନା ଅନୁସାରେ, ମହାରାଷ୍ଟ୍ରର ଜଣେ ଟ୍ରକ୍ ଡ୍ରାଇଭର ଭୁବନେଶ୍ୱରରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ସମୟରେ ଜୟପୁର ନିକଟରେ ତାଙ୍କ ଗାଡ଼ିଟି ଖରାପ ହୋଇଥିଲା। ସ୍ଥାନୀୟ ଅଞ୍ଚଳ ବିଷୟରେ ଡ୍ରାଇଭର ଅଜଣା ଥିବାରୁ ସେ ଗାଡ଼ି ମରାମତି ପାଇଁ ଗୋଲ୍ଡି ସେଖ୍ ଓରଫ୍ ଗୌରାଙ୍ଗ ନାମକ ଜଣେ ଯୁବକଙ୍କ ସାହାଯ୍ୟ ଲୋଡ଼ିଥିଲେ। ଗୌରାଙ୍ଗ ଡ୍ରାଇଭରଙ୍କ ସହ ଦୁଇ ତିନି ଦିନ ଗ୍ୟାରେଜ୍ ବୁଲିବା ଭିତରେ ଖିଆପିଆ ଓ ଅନ୍ୟାନ୍ୟ ଖର୍ଚ୍ଚ ସମୟରେ ଡ୍ରାଇଭରଙ୍କ ଫୋନ୍ ପେ ପାସୱାର୍ଡ ଚତୁରତାର ସହ ଦେଖି ନେଇଥିଲା। ଏହାପରେ ସେ ନିଜର ଅନ୍ୟ ତିନି ଜଣ ସହଯୋଗୀଙ୍କୁ ଡାକି ଟ୍ରକ୍ ଡ୍ରାଇଭରଙ୍କୁ ମାରପିଟ୍ କରିବା ସହ ତାଙ୍କ ଠାରୁ ମୋବାଇଲ୍ ଛଡ଼ାଇ ନେଇଥିଲେ। ପରେ ସେହି ମୋବାଇଲ୍ ମାଧ୍ୟମରେ ପ୍ରାୟ ୯୦ ହଜାର ଟଙ୍କା ନିଜ ଆକାଉଣ୍ଟକୁ ଟ୍ରାନ୍ସଫର୍ କରି ସେଠାରୁ ଚମ୍ପଟ ମାରିଥିଲା। ଏ ନେଇ ଗତ ଅଗଷ୍ଟ ୧୪ ତାରିଖରେ ଜୟପୁର ଟାଉନ୍ ଥାନାରେ କେଶ୍ ନଂ




୩୧୫/୨୬ ରେ ମାମଲା ରୁଜୁ ହୋଇଥିଲା।ତଦନ୍ତକାରୀ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଘଟଣାରେ ସଂପୃକ୍ତ ଗୋଲ୍ଡି ସେଖ୍ ଓ ସି.ଏଚ୍. କ୍ରାନ୍ତିଙ୍କୁ କାବୁ କରିଥିଲା। ଦୁଇ ଅଭିଯୁକ୍ତଙ୍କ ଠାରୁ ଚୋରି ହୋଇଥିବା ୯୦ ହଜାର ଟଙ୍କାରୁ ୩୦ ହଜାର ଟଙ୍କା ଏବଂ ୨ଟି ମୋବାଇଲ୍ ଜବତ କରାଯାଇଛି। ଶନିବାର ଉଭୟଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ଘଟଣାରେ ସଂପୃକ୍ତ ଅନ୍ୟ ଦୁଇ ଜଣ ଫେରାର୍ ଥିବାରୁ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

## ବିଦ୍ୟୁତ ବିଭାଗର ଜାତୀୟ ଲୋକ ଅଦାଲତ

କୃଷ୍ଣପ୍ରସାଦ,(ମହାଭାରତ ): ପୁରୀ ଜିଲ୍ଲା ମାଲୁଦ ବିଦ୍ୟୁତ କନିଷ୍ଠ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ ରେ ବିଦ୍ୟୁତ ବିଭାଗ ତରଫରୁ ଜାତୀୟ ଲୋକ ଅଦାଲତ ହୋଇ ଯାଇଛି। ଏହି ଅଦାଲତ ରେ ମୋଟ ୮୪ ଜଣ ବିଦ୍ୟୁତ ଗ୍ରାହକ ଯୋଗ ଦେଇ ନିଜର ଅସୁବିଧା କୁ ଉପସ୍ଥାପନା କରିଥିଲେ। ମାଲୁଦ ବିଦ୍ୟୁତ କନିଷ୍ଠ ଯନ୍ତ୍ରୀ ଙ୍କ ଅଧୀନରେ ବିଦ୍ୟୁତ ଚୋରି କରୁଥିବା ଅଭିଯୋଗ ରେ ୩୫୦ ରୁ ଉର୍ଦ୍ଧ୍ୱ ବିଦ୍ୟୁତ ଗ୍ରାହକ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ।ସେମାନଙ୍କ ଅସାଧୁ କାର୍ଯ୍ୟ କଳାପ ଯୋଗୁଁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏହି ସମ୍ବନ୍ଧୀୟ ମାମଲା ର ସମାଧାନ ପାଇଁ ଜାତୀୟ ସ୍ତରରେ ଏକ ଲୋକ ଅଦାଲତ ହୋଇ ଯାଇଛି। ଏଥିରେ ଛତ୍ରପୁର ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ପତ୍ର, ରମ୍ଭା ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପଣ୍ଡା ଯୋଗ ଦେଇ ଜୋରିମାନା ବାବଦ ରେ ୫ ଲକ୍ଷ ୯୧ ହଜାର ଟଙ୍କା ଆଦାୟ କରିଛନ୍ତି। ଏଥିରେ ମାଲୁଦ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ନାୟକ, କର୍ମଚାରୀ ପ୍ରଶାନ୍ତ କୁମାର ଦାସ ପୁର୍ନେନ୍ଦୁ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅବଶିଷ୍ଟ ଯେଉଁ ଅସାଧୁ ଗ୍ରାହକ ଯୋଗ ଦେଇନାହାନ୍ତି ସେମାନଙ୍କ ପ୍ରତି ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ତରଫରୁ ଜଣାପଡ଼ିଛି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ଓଡଗାଁ,(ନିପ୍ର):ପ୍ରାଥମିକ ଚିକିତ୍ସାର ଗୁରୁତ୍ୱକୁ ଉପଲବ୍ଧି କରି ଅନ୍ତର୍ଜାତୀୟ ରେଡକ୍ରସ ସୋସାଇଟି ଦ୍ୱାରା ପ୍ରତିବର୍ଷ ସେପ୍ଟେମ୍ବର ମାସ ଦ୍ୱିତୀୟ ଶନିବାରକୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ରୂପରେ ପାଳନ କରାଯାଉଥିବା ବେଳେ ଓଡଗାଁ ଏନଏସି ସ୍ଥିତ ପିଏମଶ୍ରୀ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଏହି ଦିବସ ପାଳିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମାଷ୍ଟର ଟ୍ରେନର ଭାବରେ ଶିକ୍ଷକ ପରମାନନ୍ଦ ଦଳେଇ ପ୍ରାଥମିକ ଚିକିତ୍ସା ଯେ କୌଣସି ରୋଗୀ ପାଇଁ କିପରି ଅପରିହାର୍ଯ୍ୟ ଏବଂ ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ଉପରେ ବୁଝାଇଥିଲେ।

## ବକେୟା ଦରମା ଦାବିରେ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ସଫେଇ କର୍ମଚାରୀଙ୍କ ଧାରଣା

**କେନ୍ଦ୍ରାପଡ଼ା,:**୩ମାସର ବକେୟା ଦରମା ପ୍ରଦାନ, ଇପିଏଫ ଓ ସିଏସଆଇ ସୁବିଧା ଯୋଗାଇ ଦେବା ଦାବିରେ ଅଭିରାମ ଏଜେନ୍ସି ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ସଫେଇ କର୍ମଚାରୀମାନେ ଧାରଣାରେ ବସିରହିଛନ୍ତି। ସେମାନଙ୍କର ଦାବି ହେଉଛି ଯେ ସେମାନେ ଚଳିତ ବର୍ଷ ଜୁନମାସ ପହିଲାରୁ ହାଉସକିପିଂକର୍ମଚାରୀ ବା ସଫେଇ କର୍ମଚାରୀ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ହୋଇ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ସେମାନଙ୍କୁ ଅଦ୍ୟାବଧି କୌଣସି ଦରମା ପ୍ରଦାନ କରାଯାଇନଥିବା ବେଳେ ସେମାନଙ୍କୁ ଇପିଏଫ ଓ ସିଏସଆଇ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏସମ୍ପର୍କରେ ସେମାନେ ବାରମ୍ବାର ସଂପୃକ୍ତ ନିଯୁକ୍ତି ସଂସ୍ଥା ନିକଟରେ ଦାବି କରିଥିଲେ ମଧ ସଂସ୍ଥା ପକ୍ଷରୁ ସୁପରଭାଇଜର ସେମାନଙ୍କୁ କାର୍ଯ୍ୟରୁ ବାହାର କରିଦେବାର ଧମକ ଦେଇ ସେମାନଙ୍କ ସ୍ୱରକୁ ଚାପିଦେଉଛି। ଏହି କାର୍ଯ୍ୟରେ ନିୟୋଜିତ ଗରୀବ କର୍ମଚାରୀମାନେ ଦରମା ନପାଇବାରୁ ସେମାନଙ୍କ ପରିବାର ପ୍ରତିପୋଷଣ କରିବାରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଓଳିଏ ଖାଇଲେ ଆର ଓଳିକୁ ସେମାନେ ଉପାସ ରହୁଛନ୍ତି। କିନ୍ତୁ



ନିଯୁକ୍ତିଦାତା ସଂସ୍ଥା ସେମାନଙ୍କ ଦୁଃଖ ବୁଝିବାତ ଦୁରର କଥା ବରଂ ସେମାନଙ୍କୁ ଚାକିରୀରୁ ବିଦା କରିଦେବାକୁ ଧମକ ଦେଉଛି ବୋଲି ସେମାନେ ଅଭିଯୋଗ କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଫେଇ କର୍ମଚାରୀମାନେ ଧାରଣା ଦେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୁଢ କୁଢ ଅଳିଆ ଗଦା ହୋଇରହିଛି। ତୁରନ୍ତ ସେମାନଙ୍କ ସମସ୍ୟା ସମାଧାନ କରାଯିବାକୁ ଡାକ୍ତରଖାନାରେ ଚିକିତ୍ସିତ ରୋଗୀ ଏବଂ ସେମାନଙ୍କ ସାହାଯ୍ୟକାରୀମାନେ ଦାବି କରିଛନ୍ତି। କର୍ମଚାରୀମାନେ ଅଜୟ ଗୋଛାୟତ, ଜ୍ୟୋତିରଞ୍ଜନ ଜେନା, ରବିନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସୁଜାତା ମଳିକ, ମମତା ମଳିକ, ଝୁନୁ ମାଝୀ, ଜ୍ୟୋସ୍ନା ଗୋଡଛାୟତ, ମାନିନୀ ମଳିକ, ଅନୁ ମଳିକ, ଭାରତୀ ମଳିକ, ବନ୍ଦନା ଗୋଛାୟତ, କବିତା ନାୟକ, ପ୍ରମିଳା ନାଥ, ଜୟନ୍ତୀ ଗୋଛାୟତ, ଟୁନି ବେହେରା, ସୁମିତ୍ରା ବାରିକ, ପ୍ରଭାତି ଗୋଛାୟତ, ଝିଲି ଗୋଛାୟତ, ସସ୍ମିତା ରାଉତ, ଶିବାନୀ ବାରିକ, ଲକ୍ଷ୍ମୀ ହେମ୍ବ୍ରମ, ସିଦ୍ଧାନ୍ତ ଦାସ, ମନୋଜ ମଳିକ, ବାମଦେବ ପାତ୍ର, ନିରଞ୍ଜନ ମଳିକ, ସପ୍ତଦଳ ପରିଡା, ଶଙ୍କର ମଳିକ ପ୍ରମୁଖ ୮୫ କର୍ମଚାରୀ ଧାରଣାରେ ବସିରହିଥିଲେ।

## ଉକୁଳେଇ ଛକରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଅସ୍ତରଙ୍ଗ :ଅସ୍ତରଙ୍ଗ ବ୍ଲକ ଉକୁଳେଇ ଛକ ରେ ଥିବା ଏକ ଦୋକାନ ଘର ନିକଟରେ ଜଣେ ଅଜଣା ବ୍ୟକ୍ତି ଗାମୁଛା ପିନ୍ଧି ବନ୍ଦ ଥିବା ଦୋକାନ ଆଗରେ ନିଶ୍ଚଳ ହୋଇ ବସି ରହିଥିବା ନାକରୁ ରକ୍ତ ସ୍ରାବ ହୋଇଥିବା ସ୍ଥାନୀୟ ଲୋକ ଦେଖିବା ପରେ ଅସ୍ତରଙ୍ଗ ପୋଲିସଙ୍କୁ ଜଣାଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରି ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ବ୍ୟକ୍ତି ଙ୍କର କୌଣସି ପରିଚୟ ମିଳି ପାରି ନାହିଁ। ପାଖରେ ହଳେ ଚପଲ ପଡି ରହିଛି। ଏହି ଘଟଣା କୁ ନେଇ ଭିନ୍ନ ଭିନ୍ନ ସନ୍ଦେହ ସୃଷ୍ଟି ହୋଇଥିବା ବେଳେ ପୋଲିସ ର ତଦନ୍ତ ଜାରୀ ରହିଛି।

## ମଧୁପୁରରେ ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ



**ଦଶପଲ୍ଲା, (ମହାଭାରତ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ଡିହଗାଁ ପଞ୍ଚାୟତର ମଧୁପୁର ଗ୍ରାମର ଡ୍ରେନେଜ୍ ଓ ସ୍ୱଚ୍ଛତା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଦେଖାଦେଇଛି। ବର୍ଷା ହେଲେ ଗ୍ରାମର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବା ବେଳେ, ଠିକ୍ ଭାବେ ଜଳ ନିଷ୍କାସନ ହେଉନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ରାସ୍ତାକଡ଼ରେ ଦୀର୍ଘ ସମୟ ଧରି ଦୂଷିତ ପାଣି ଜମି ରହୁଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଥିସହ ଗ୍ରାମର ଅନେକ ସ୍ଥାନରେ ଆବର୍ଜନା ଜମି ରହିଥିବା ଅଭିଯୋଗ ମଧ୍ୟ ହେଉଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢ଼ିଛି।ଗ୍ରାମର ବିକାଶ ଓ ସ୍ୱଚ୍ଛତା ପାଇଁ ଆସୁଥିବା 'ଗାଁ କଲ୍ୟାଣୀ' ପାଣ୍ଠିର ଅର୍ଥ କେଉଁ କାମରେ ଖର୍ଚ୍ଚ ହେଉଛି। ଯଦି ବିକାଶ ଓ ସ୍ୱଚ୍ଛତା ପାଇଁ ଅର୍ଥ ବ୍ୟୟ ହେଉଛି, ତେବେ ଡ୍ରେନେଜ୍ ଓ ପରିମଳ ବ୍ୟବସ୍ଥାରେ ଏଭଳି ଅବ୍ୟବସ୍ଥା କାହିଁକି ଦେଖାଯାଉଛି ବୋଲି ଅଭିଯୋଗ ହେଉଛି। ଏହି ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତରେ କେଉଁ କାମ ହୋଇଛି, ପାଣ୍ଠିର ଅର୍ଥ କିପରି ବ୍ୟୟ ହୋଇଛି ଏବଂ କୌଣସି ଅନିୟମିତତା ହୋଇଛି କି ନାହିଁ, ତାହା ସ୍ପଷ୍ଟ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ହୀରାକୁଦରେ ବଢ଼ିଲା ଜଳପ୍ରବେଶ, ୫ଟି ସ୍ଲୁଇସ୍ ଗେଟ୍ ଖୋଲା

**ସମ୍ବଲପୁର,:** ଉପରମୁଣ୍ଡରେ ଜଳପ୍ରବେଶ ବୃଦ୍ଧି ପାଇବା ସହ ହୀରାକୁଦ ଜଳଭଣ୍ଡାରରେ ଜଳ ନିଷ୍କାସନ ବଢ଼ାଯାଇଛି। ରବିବାର ସକାଳ ୯ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୨୫ ଫୁଟ୍ ରହିଥିବା ବେଳେ ହାରାହାରି ଜଳପ୍ରବେଶ ୮୮,୮୪୮ କ୍ୟୁସେକ୍ ରେକର୍ଡ ହୋଇଛି। ଏହି ସମୟରେ ୨ଟି ସ୍ଲୁଇସ୍ ଗେଟ୍ ଖୋଲା ଥିଲା। ପରେ ଆଉ ୨ଟି ଗେଟ୍ ଖୋଲିବାକୁ ଆଦେଶ ଜାରି ହୋଇଥିବାରୁ ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲା ରହିବ।ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ପୂର୍ବରୁ ବାମପାର୍ଶ୍ୱର ୨ଟି ଗେଟ୍ ଖୋଲା ଥିବା ବେଳେ ସକାଳ ୯ଟା ୨୦ମିନିଟ୍‌ରେ ଡାହାଣପାର୍ଶ୍ୱର ଆଉ ଗୋଟିଏ ଗେଟ୍ ଖୋଲାଯାଇଥିଲା। ପରବର୍ତ୍ତୀ ସମୟରେ ଆଉ ୨ଟି ଗେଟ୍ ଖୋଲିବାକୁ ଆଦେଶ ହୋଇଛି। ଫଳରେ ବାମପାର୍ଶ୍ୱର ୩ଟି ଓ ଡାହାଣପାର୍ଶ୍ୱର ୨ଟି ମିଶି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଖୋଲା ରହିବ। ସକାଳ ୯ଟା ସୁଦ୍ଧା ହାରାହାରି ଜଳ ନିଷ୍କାସନ ୬୩,୪୩୮ କ୍ୟୁସେକ୍ ଥିବା ବେଳେ ପରେ ବର୍ତ୍ତମାନର ନିଷ୍କାସନ ୮୩,୯୧୬ କ୍ୟୁସେକ୍‌କୁ ବୃଦ୍ଧି ପାଇଛି। ସ୍ପିଲ୍‌ୱେ ଦେଇ ୪୯,୧୪୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ପୂର୍ବ ତଥ୍ୟ ଅନୁସାରେ ସ୍ପିଲ୍‌ୱେ ଦେଇ ୨୮,୬୬୨, ପାୱାର ଚ୍ୟାନେଲ ଦେଇ ୩୦,୯୨୮, ଶିଳ୍ପ ବ୍ୟବହାର ପାଇଁ ୨୨୧ ଓ କେନାଲ ଦେଇ ୩,୬୨୭ କ୍ୟୁସେକ୍ ଜଳ ନିଷ୍କାସନ ହେଉଥିଲା।କେନାଲ ନିଷ୍କାସନ ମଧ୍ୟରେ ବିଏମ୍‌ସିକୁ ୩,୦୭୨, ଏସ୍‌ଏମ୍‌ସିକୁ ୪୫୦ ଓ ସମ୍ବଲପୁର ଜିଲ୍ଲା କେନାଲକୁ ୧୦୫ କ୍ୟୁସେକ୍ ଜଳ ଯାଉଥିଲା।ଉପରମୁଣ୍ଡର ଜଳସ୍ତର ଓ ପ୍ରବାହ ମଧ୍ୟ ବୃଦ୍ଧିମୁଖୀ ରହିଛି। ପଥର୍ଲାରେ ୧,୬୮,୨୬୨, ଖଇରମାଲରେ ୨,୨୩,୫୦୦, ବରମୂଳରେ ୧,୫୩,୨୫୦ ଓ ମୁଣ୍ଡଳୀରେ ୧,୮୧,୨୯୧ କ୍ୟୁସେକ୍ ଜଳପ୍ରବାହ ରେକର୍ଡ ହୋଇଛି। ବେଲଗାଁରେ ୭୭,୦୦୦ କ୍ୟୁସେକ୍ ଜଳପ୍ରବାହ ରହିଛି। ହୀରାକୁଦରେ ୪.୫ ମିମି ଓ ବୁର୍ଲାରେ ୧୭.୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ହାରାହାରି ଉପରମୁଣ୍ଡ ବର୍ଷା ୬.୭୯ ମିମି ଓ ତଳମୁଣ୍ଡ ବର୍ଷା ୮.୨୮ ମିମି ରହିଛି।ଜଳପ୍ରବାହର ଏହି ବୃଦ୍ଧି ଯୋଗୁଁ ଆଗାମୀ ସମୟରେ ଜଳ ନିଷ୍କାସନ ଆହୁରି ବଢ଼ିବାର ସମ୍ଭାବନା ରହିଛି।

## ମାରାତ୍ମକ ହିଟ୍ ଆଣ୍ଡ ରନ୍ ମାମଲାର ପର୍ଦ୍ଦାଫାଶ: ଅଭିଯୁକ୍ତ ଡ୍ରାଇଭର ଗିରଫ



**କଟକ, :** ଚାଉଳିଆଗଞ୍ଜ ଥାନା ପୁଲିସ ଏକ ମାରାତ୍ମକ ହିଟ୍ ଆଣ୍ଡ ରନ୍ ମାମଲାର ସଫଳ ତଦନ୍ତ କରି ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ଏହି ସଂକ୍ରାନ୍ତରେ ଚାଉଳିଆଗଞ୍ଜ ଥାନା କେସ୍ ନଂ. ୪୦୧/୨୦୨୬, ଧାରା ୨୮୧/୧୦୬(୧) ବିଏନଏସ ରୁଜୁ ହୋଇଥିଲା।୦୮.୦୯.୨୦୨୬ ରାତିରେ ଦୁଇଜଣ ବ୍ୟକ୍ତି ଏକ ମୋଟରସାଇକେଲରେ କଲେଜ ଛକ ଅଭିମୁଖେ ଯାଉଥିବା ବେଳେ ଓମପି ଅଞ୍ଚଳ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଦୁଇଜଣଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ମାମଲାର ତଦନ୍ତ ସମୟରେ ପୁଲିସ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଏବଂ ଆରଟିଓ ତଥ୍ୟର ବିଶ୍ଳେଷଣ କରି ଦୁର୍ଘଟଣା ଘଟାଇଥିବା ଟିପର ଟ୍ରକକୁ ଚିହ୍ନଟ କରିଥିଲା। ଏହାପରେ ଟିପର୍ ଚାଳକ କାଳିଆ ଓରଫ୍ ପିପିନା ନାୟକ (୩୭), ଗ୍ରାମ- ପଣ୍ଡରାବତିଆ, ଥାନା- ଭଦ୍ରେଶ୍ୱରଙ୍କୁ ଦୁର୍ଘଟଣାଗ୍ରସ୍ତ ଗାଡ଼ି ସହ ଚାଉଳିଆଗଞ୍ଜ ଥାନାକୁ ଅଣାଯାଇ ୧୨.୦୯.୨୦୨୬ ତାରିଖ ସନ୍ଧ୍ୟା ୬.୩୦ରେ ଗିରଫ କରାଯାଇଛି। ଟିପର୍ ଏବଂ ସମ୍ପୃକ୍ତ କାଗଜପତ୍ର ଜବତ କରାଯାଇ ଅଭିଯୁକ୍ତଙ୍କୁ ମାନ୍ୟବର ଅଦାଲତକୁ ଚାଲାଣ କରାଯାଇଛି। କଟକ କମିଶନରେଟ୍ ପୁଲିସ ଅପରାଧର ତ୍ୱରିତ ତଦନ୍ତ, ମାମଲାର ସଫଳ ପର୍ଦ୍ଦାଫାଶ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସର୍ବଦା ପ୍ରତିବଦ୍ଧ।

## ବରଗଡ଼ର କଳାଜୀବୀ ପରିଷଦର ୧୪ ଜଣିଆ ଦଳ ଦିଲ୍ଲୀ ଯାତ୍ରା କଲେ



**ସମ୍ବଲପୁର,:** ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ନୂଆଁଖାଇ ଭେଟଘାଟ ଆୟୋଜିତ ହେବ। ଏଥିରେ ପଶ୍ଚିମ ଓଡ଼ିଶାର ଲୋକକଳା ଓ ସମ୍ବଲପୁରୀ ସଂସ୍କୃତି ପରିବେଷଣ କରିବେ ବରଗଡ଼ର କଳାଜୀବୀ ପରିଷଦର କଳାକାରମାନେ। ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ ୧୪ ଜଣିଆ କଳାକାର ଦଳ ରବିବାର ବରଗଡ଼ରୁ ଦିଲ୍ଲୀ ଯାତ୍ରା କରିଛି। ଭୁବନେଶ୍ୱରରୁ ବିମାନ ଯୋଗେ ଦଳ ନୂଆଦିଲ୍ଲୀ ପହଞ୍ଚିବ। କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ, ଗୀତ ଓ ବାଦ୍ୟ ପରିବେଷଣ ମାଧ୍ୟମରେ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଝଲକ ଦେଖାଯିବ। ଦଳରେ ପଦ୍ମଶ୍ରୀ ଖଟେଇଙ୍କ ସମେତ ସୁରେନ୍ଦ୍ର ଖଟେଇ, ଦମୟନ୍ତୀ ଖଟେଇ, ପ୍ରତିମା ସାଗର, ସୁବଳ ହରିପାଳ, ଚକ୍ର ଧୂରୁଆ ଓ ଦେବାଶିଷ ସାଗରଙ୍କ ଭଳି ବିଶିଷ୍ଟ କଳାକାର ସାମିଲ ଅଛନ୍ତି। ରାଷ୍ଟ୍ରପତି ଭବନରେ ଏହି ପ୍ରଦର୍ଶନ ପଶ୍ଚିମ ଓଡ଼ିଶାର କଳା ଓ ସଂସ୍କୃତି ପାଇଁ ଏକ ଗୌରବମୟ ଅବସର ହେବ।

## ସାମ୍ବାଦିକଙ୍କ ଏକତା ଓ ଦାୟିତ୍ୱବୋଧ ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି,(ମହାଭାରତ): ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି କରଙ୍କ ପାରଳାଖେମୁଣ୍ଡି ଗସ୍ତ ଅବସରରେ ସଂଘର ଜିଲ୍ଲା ଶାଖା ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ ସହ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ଆଶୀର୍ବାଦ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ବୈଠକରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ସଂଘର ଏକତା, ସାମ୍ବାଦିକତାର ଗୁଣାତ୍ମକ ବିକାଶ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ମତବିନିମୟ ହୋଇଥିଲା। ବୈଠକରେ ରାଜ୍ୟ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥାଙ୍କ ସମେତ ଗଜପତି ଜିଲ୍ଲା ସଂଘର ବହୁ ସଦସ୍ୟ ଯୋଗଦେଇଥିଲେ। ସାମ୍ବାଦିକଙ୍କ ଦାୟିତ୍ୱବୋଧ ଓ ସାମାଜିକ ଦାୟିତ୍ୱ, ନିରପେକ୍ଷ ଓ ତଥ୍ୟଭିତ୍ତିକ ସାମ୍ବାଦିକତା, ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ସଂଗଠନକୁ ତୃଣମୂଳସ୍ତରରୁ ଅଧିକ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା। ସାମ୍ବାଦିକଙ୍କ ସ୍ୱାର୍ଥ ଓ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ସହ ସଂଘର ଆଗାମୀ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ କାର୍ଯ୍ୟପନ୍ଥା ନେଇ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ମତ ରଖିଥିଲେ। ଏକତା ଓ ସମନ୍ୱୟ ମାଧ୍ୟମରେ ସାମ୍ବାଦିକ ସଂଗଠନକୁ ଆହୁରି ସୁଦୃଢ଼ କରିବା ଉପରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଗଜପତି ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କ ଓଡ଼ିଶା ଗଠନ ଏବଂ ଓଡ଼ିଆ ଜାତି ପାଇଁ ରହିଥିବା ଅବଦାନକୁ ସ୍ମରଣ କରାଯାଇଥିଲା। ଓଡ଼ିଶା ଗଠନ ଦିଗରେ ତାଙ୍କ ଦୂରଦୃଷ୍ଟି, ତ୍ୟାଗ ଓ ଜନସେବାମୂଳକ କାର୍ଯ୍ୟ ପାଇଁ ବୈଠକରେ ଶ୍ରଦ୍ଧାପୂର୍ବକ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଶେଷରେ ସାମ୍ବାଦିକମାନଙ୍କ ମଧ୍ୟରେ ଭାଇଚାରା, ଏକତା ଓ ସମନ୍ୱୟ ଅକ୍ଷୁଣ୍ଣ ରଖିବା ସହ ସାମ୍ବାଦିକତାର ମର୍ଯ୍ୟାଦା, ନିରପେକ୍ଷତା ଓ ଦାୟିତ୍ୱବୋଧକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।



## ପୋଲିସ ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ଇରଫାନ ଆହତ

**ସମ୍ବଲପୁର,:** ସମ୍ବଲପୁର ପୋଲିସର ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ଅପରାଧୀ ମହମ୍ମଦ ଇରଫାନ ଆହତ ହୋଇଛି। ରବିବାର ଭୋର ପ୍ରାୟ ୫ଟା ୪୫ମିନିଟ୍‌ରେ ସଦର ଥାନା ଅନ୍ତର୍ଗତ କେନାଲ ରୋଡ୍‌ସ୍ଥିତ ସୁଡୁଙ୍ଗା ଜଙ୍ଗଲ ନିକଟରେ ଏହି ଗୁଳିବିନିମୟ ଘଟିଥିଲା। ଆହତ ଇରଫାନକୁ ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭୀମସାରରେ ଭର୍ତ୍ତି କରାଯାଇଛି।ପୋଲିସ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତି ଅନୁସାରେ, ସୁନାପାଲି ଅଞ୍ଚଳର ମହମ୍ମଦ ଇରଫାନଙ୍କ ନାମରେ ଡକାୟତି, ରାହାଜାନି, ଆଲୁମିନିୟମ ତାର ଚୋରି, ଚୋରି ଓ ନିଶା କାରବାର ଭଳି ୨୪ରୁ ଅଧିକ ଅପରାଧିକ ମାମଲା ରହିଛି। ସୂଚନା ଅନୁଯାୟୀ, ରବିବାର ଭୋର ପ୍ରାୟ ୫ଟା ବେଳେ ସଦର ଥାନା ପୋଲିସ ସୁଡୁଙ୍ଗା ଜଙ୍ଗଲ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କଳା ରଙ୍ଗର ଏକ ବାଇକ୍‌ରେ ଯାଉଥିବା ଇରଫାନ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ପୋଲିସ ଅଟକାଇଥିଲା। ପୋଲିସ ଦୁଇଜଣଙ୍କୁ କାବୁ କରିଥିବା ବେଳେ ଇରଫାନ ଖସି ପଳାଇବାକୁ ଚେଷ୍ଟା କରିଥିଲା।ପୋଲିସ ତାଙ୍କୁ ପିଛା କରୁଥିବା ସମୟରେ ଇରଫାନ ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଆତ୍ମରକ୍ଷା ପାଇଁ ପୋଲିସ ପକ୍ଷରୁ ନିୟନ୍ତ୍ରିତ ପାଲଟା ଗୁଳିଚାଳନା କରାଯାଇଥିଲା। ଏଥିରେ ଇରଫାନଙ୍କ ବାମ ଗୋଡ଼ରେ ଗୁଳି ବାଜିଥିଲା।ପୋଲିସ ସୂଚନା ଅନୁସାରେ, ଇରଫାନ ୩ ରାଉଣ୍ଡ ଗୁଳି ଚଳାଇଥିବା ବେଳେ ପୋଲିସ ୨ ରାଉଣ୍ଡ ପାଲଟା ଗୁଳି ଚଳାଇଥିଲା। ଘଟଣାସ୍ଥଳରୁ ଗୋଟିଏ ପିସ୍ତଲ, କିଛି ଜୀବନ୍ତ ଗୁଳି, ୩ଟି ଖାଲି କାର୍ଟ୍ରିଜ୍ ଓ ବ୍ୟବହୃତ ବାଜାଜ ପଲସର ମୋଟରସାଇକେଲ ଜବତ କରାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଅତିରିକ୍ତ ଏସ୍‌ପି ଶଶାଙ୍କ ଶେଖର ବେଉରା ସୂଚନା ଦେଇଛନ୍ତି।

## ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

## ଖବର

# ଅଭିନେତ୍ରୀ ଅଞ୍ଜୁ କ୍ରିଷ୍ଣାଙ୍କ ଡ୍ରଗ୍ସ କାରବାର, ଚର୍ଚ୍ଚାରେ ଫିଲ୍ମ ଇଣ୍ଡଷ୍ଟ୍ରି

ତାମିଲ ଏବଂ ମାଲାୟଲମ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣେ ଜଣାଶୁଣା ଅଭିନେତ୍ରୀ ଅଞ୍ଜୁ କ୍ରିଷ୍ଣା । ନିକଟରେ ଏହି ଅଭିନେତ୍ରୀଙ୍କୁ ଚେନ୍ନାଇରୁ ଗିରଫ କରାଯାଇଛି । ତାଙ୍କଠାରୁ ଡ୍ରଗ୍ସ ମଧ୍ୟ ଜବତ କରାଯାଇଛି । ଏହି ଗିରଫଦାରୀର ଖବର ଫିଲ୍ମ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଜୋର ଧରିଛି । ରିପୋର୍ଟ ଅନୁଯାୟୀ, ଗୁରୁବାର ଦିନ, ଆଣ୍ଟି-ନାର୍କୋଟିକ୍ସ ଇଣ୍ଟେଲିଜେନ୍ସ ୟୁନିଟ୍‌ର ସାଉଥ୍ ଟିମ୍ ଭାଲାସରାବକ୍କମ୍ ଅଞ୍ଚଳରେ ଚଢାଉ କରିଥିଲା । ଏହି ସମୟରେ ଅଞ୍ଜୁ କ୍ରିଷ୍ଣା ଏବଂ ଅନ୍ୟମାନଙ୍କୁ ଅଟକ ରଖାଯାଇଛି । ଟିମ୍ ମେଥାମ୍ଫେଟାମାଇନ୍ ଏବଂ ନିଷିଦ୍ଧ ପଦାର୍ଥ ଜବତ



କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ଅଞ୍ଜୁ କ୍ରିଷ୍ଣା, ସହକାରୀ ନିର୍ଦ୍ଦେଶକ ଭିନ୍ସି ନିବେଦ, କାର୍ତ୍ତିକ ରାଜା, ଯଶଓ୍ୱନ୍ତ, ଶ୍ରୀରାମ, ଆଲବିବିଂଶା ଏବଂ ଭେଙ୍କଟେଶ କୁମାର । ପୋଲିସର ସୂଚନା ଅନୁଯାୟୀ, ଚଢାଉ ସମୟରେ ଛଅ ଗ୍ରାମ ମେଥାମ୍ଫେଟାମାଇନ, ସାତ ଗ୍ରାମ ଓଜି ଗଞ୍ଜେଇ, ୧୫ ଗ୍ରାମ ଗଞ୍ଜେଇ, ଗୋଟିଏ ଏଲଏସଡି ଷ୍ଟାମ୍ପ ଏବଂ ନଅଟି ମୋବାଇଲ ଫୋନ୍ ଜବତ କରାଯାଇଛି । ଏହି ମାମଲାରେ ଅଞ୍ଜୁ କ୍ରିଷ୍ଣାଙ୍କ ନାମ ଆସିବା ପୂର୍ବରୁ ମଧ୍ୟ ସେ ତାମିଲ ଏବଂ ମାଲାୟଲମ ଚଳଚ୍ଚିତ୍ରରେ ତାଙ୍କର ଅଭିନୟ ପ୍ରତିଭା ପାଇଁ ଜଣାଶୁଣା ଥିଲେ । ୩୧ ବର୍ଷୀୟା ଏହି ମହିଳା ଅନେକ ଚଳଚ୍ଚିତ୍ରରେ କାମ କରିଛନ୍ତି । ରିପୋର୍ଟ ଅନୁଯାୟୀ, ସେ 'ଆକାଶମ୍ କଦନ୍ନନ୍', 'ଆରୋ' ଏବଂ 'ଓମ୍ ଭେଲିମାଲାଇ' ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ । ନିକଟରେ ମୁକ୍ତିଲାଭ କରିଥିବା 'ଓମ୍ ଭେଲିମାଲାଇ', ଓମ୍ ବିଜୟଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା ଏବଂ ଏଥିରେ ସୁପରଗୁଡ୍ ସୁବ୍ରମଣି ଏବଂ ବୀରା ସୁଭାଷ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଅଞ୍ଜୁ କ୍ରିଷ୍ଣା ସୋସିଆଲ ମିଡିଆରେ ବହୁତ ଲୋକପ୍ରିୟ । ଇନଷ୍ଟାଗ୍ରାମରେ ତାଙ୍କର ୨୩.୬ ହଜାର ଫଲୋଅର୍ସ ଅଛନ୍ତି । ସେ ନିୟମିତ ଭାବରେ ତାଙ୍କର ମଡେଲିଂ କାମ, ଫଟୋସୁଟ୍ ଏବଂ ବ୍ୟକ୍ତିଗତ ଫଟୋ ପୋଷ୍ଟ କରନ୍ତି । ଏଥିସହ ଜାଣିରଖନ୍ତୁ ଯେ, ଅଞ୍ଜୁ କ୍ରିଷ୍ଣାଙ୍କ ଗିରଫଦାରୀ ଶିଳ୍ପରେ ନିଶାଦ୍ରବ୍ୟ ଅପବ୍ୟବହାର ବିଷୟରେ ପୁଣି ଆଲୋଚନା ଆରମ୍ଭ କରିଛି । ଗତ କିଛି ବର୍ଷ ଧରି, ଅନେକ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ନିଶାଦ୍ରବ୍ୟ ମାମଲାରେ ଜଡିତ ଅଛନ୍ତି ଏବଂ ଏହି ଘଟଣାକୁ ଇଣ୍ଡଷ୍ଟ୍ରି ପାଇଁ ଏକ ବଡ଼ ଆଘାତ ବୋଲି ବିବେଚନା କରାଯାଉଛି ।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ


କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଜ୍ୱରର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ



ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# ଅର୍ଜୁନଙ୍କ ବ୍ୟତୀତ କିଏ ଶୁଣିଥିଲେ ଶ୍ରୀକୃଷ୍ଣଙ୍କ ଗୀତାଜ୍ଞାନ ? ଜାଣନ୍ତୁ

ମହାଭାରତ ଯୁଦ୍ଧ କୌରବ ଏବଂ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । କିନ୍ତୁ ଭାଇ ଅର୍ଥାତ କୌରବଙ୍କ ବିରୋଦ୍ଧରେ ଅସ୍ତ୍ର ଉଠାଇବାକୁ ରାଜି ନଥିଲେ ଅର୍ଜୁନ । ତାଙ୍କୁ ବୁଝେଇବା ପାଇଁ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ହିଁ ଅର୍ଜୁନଙ୍କୁ ଦେଇଥିଲେ ଗୀତାଜ୍ଞାନ ।କୁରୁକ୍ଷେତ୍ରରେ ଚାରିଆଡେ ସେନା ଦ୍ୱାରା ଘେରି ହୋଇଥିଲେ ସମସ୍ତେ ।କିନ୍ତୁ ଗୀତା ଶୁଣାଇବା ସମୟରେ ଶ୍ରୀକୃଷ୍ଣ ସମୟକୁ ରୋକି ଦେଇଥିଲେ ଏବଂ ରଣଭୂମୀରେ ଥିବା ସୈନିକ ସ୍ତବ୍ଧ ହୋଇ ଯାଇଥିଲେ । ସମୟରେ ହିଁ ଗୀତାଜ୍ଞାନ ଅର୍ଜୁନଙ୍କୁ ଦେଇଥିଲେ ଶ୍ରୀକୃଷ୍ଣ ।ସବୁଠାରୁ ବଡ କଥା ହେଉଛି ଗୀତାଜ୍ଞାନ ଦେବା ବେଳେ ସମସ୍ତଙ୍କ ମଧ୍ୟରୁ କିଛି



ଜଣ ହିଁ ଏହାକୁ ଶୁଣିପାରିଥିଲେ। ଗଣତି ଅନୁଯାୟୀ ଅର୍ଜୁନଙ୍କ ବ୍ୟତୀତ କେବଳ ୩ଜଣ ଥିଲେ ଯିଏକି ଶୁଣିପାରିଥିଲେ ଗୀତା ଜ୍ଞାନ ।ଆସନ୍ତୁ ଜାଣିବା ସେମାନେ କିଏ ଥିଲେସବୁଠାରୁ ପ୍ରଥମେ ଥିଲେ ବଜରଙ୍ଗବାଲୀ ହନୁମାନ । କାରଣ ସେ ଅର୍ଜୁନଙ୍କ ରଥରେ ହିଁ ଥିଲେ । ଦ୍ୱିତୀୟରେ ରହିଛନ୍ତି ସଞ୍ଜୟ । ତ । ଙ୍କ ବେଦବ୍ୟାସଙ୍କ କୃପାରୁ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଥିଲା । ଏହି କାରଣରୁ ହିଁ ସେ ମହଲରେ ଥାଇ ମଧ୍ୟ ଶୁଣିପାରିଥିଲେ ଗୀତା ଜ୍ଞାନ ।ତୃତୀୟ ତଥା ଶେଷରେ ଗୀତା ଜ୍ଞାନ ଶୁଣିଥିଲେ ଘଟୋତ୍କୋଚଙ୍କ ପୁଅ ଅର୍ଥା ଭୀମଙ୍କ ନାତି । ତାଙ୍କ ନାଁ ହେଉଛି ବର୍ବରିକ । ସେ ମଧ ଶ୍ରୀକୃଷ୍ଣଙ୍କ ବରଦାନରୁ ଶୁଣିପାରିଥିଲେ ଗୀତାଜ୍ଞାନ ।

# ପୋଇ ଶାଗରେ ରହିଛି ଅନେକ ଗୁଣ

## ଦୂର କରିଥାଏ ଆଇରନ୍ ସମସ୍ୟା

ଭାରତରେ ଅନେକ ପ୍ରକାର ଶାଗ ଉପଲବ୍ଧ। ଶାଗ ଆପଣ ନିଜର ଦୈନନ୍ଦିନ ଡାଏଟିରେ ସାମିଲ କରିପାରିବେ। ପୋଇ ମଧ ଏକ ପ୍ରକାର ଶାଗ ଯାହା ଭାରତରେ ମିଳେ। ପୋଇ ଶାଗ ବହୁତ ସ୍ୱାସ୍ଥ୍ୟକର। ଦେଖିବାକୁ ଏହା ପ୍ରାୟ ପାଳଙ୍ଗ ଶାଗ ଭଳି। ପୋଇ ଶାଗକୁ ବିଭିନ୍ନ ତରିକାରେ ରନ୍ଧାଯାଏ। ଏହି ଶାଗ ଶରୀରରେ ଆଇରନର ଅଭାବ ଦୂର କରିଥାଏ। ତାଛଡା ହୃଦୟ ଓ ମସ୍ତିଷ୍କକୁ ମଧ ସୁସ୍ଥ ରଖିଥାଏ। ନିୟମିତ ପୋଇ ଶାଗ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପୋଇ ଶାଗର ଆହୁରି ଅନେକ ଲାଭ ରହିଛି।

× ପୋଇ ଶାଗ ଫାଇବର ଭଳି ପୋଷାକ ତତ୍ୱରେ ଭରପୁର। ଏହା ଶରୀରରେ ଥିବା ବ୍ୟାଡ୍ କୋଲେଷ୍ଟ୍ରୋଲକୁ କମ କରିଥାଏ ଓ ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଏହା ରକ୍ତ ସଞ୍ଚାଳନରେ ସୁଧାର ଆଣିଥାଏ ଏବଂ ହୃଦୟ ସହ ଜଡିତ ରୋଗର ଆଶଙ୍କା କମ କରିଥାଏ। ଏଥିରେ ପୋଟାସିୟମ ମଧ



ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ।

× ଆଇରନ୍ ବ୍ଲଡ୍ ସେଲର ଉଚିତ ଉତ୍ପାଦନର ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ। ଆଇରନ୍ ଅଭାବ ଯୋଗୁଁ ହେମୋଗ୍ଲୋବିନ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ ଯେଉଁଥିପାଇଁ ଏନିମିଆ ହେବାର ଆଶଙ୍କା ଥାଏ।

× ପୋଇ ଶାଗରେ ମ୍ୟାଗନେସିୟମ୍ ଓ କ୍ୟାଲସିୟମ୍ ଭରପୁର ମାତ୍ରାରେ ରହିଛି। ଏହି ଦୁଇଟି ପୋଷାକ ତତ୍ତ୍ୱ ହାଡ ମଜବୁତ କରିବାରେ ସାହାଯ୍ୟ କରିଥାଏ। ନିୟମିତ ସେବନ ଦ୍ୱାରା ହାଡ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ। ଏହା ଭିଟାମିନ୍-ସି ର ଏକ ପ୍ରମୁଖ ସ୍ରୋତ ଯେଉଁଥିପାଇଁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

× ଅନିଦ୍ରା ସମସ୍ୟା ପାଇଁ ମଧ ପୋଇ ଶାଗ ବହୁତ ଲାଭଦାୟକ। ଯଦି ଆପଣଙ୍କୁ ରାତିରେ ନିଦ ହେଉନାହିଁ କିମ୍ବା ଅନିଦ୍ରା ସମସ୍ୟା ରହିଛି ତାହେଲେ ନିୟମିତ ପୋଇ ଶାଗ ସେବନ କରିପାରିବେ। ପୋଇ ଶାଗରେ ମ୍ୟାଗନେସିୟମ ଜିଙ୍କର ଗୁଣ ରହିଛି ଯାହା ନିଦ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ

× ପୋଇ ଶାଗରେ ବହୁ ମାତ୍ରାରେ ଫାଇବର ରହିଛି ଯାହା ପାଚନ ତନ୍ତ୍ରକୁ ମଜବୁତ କରିଥାଏ। ସୁସ୍ଥ ପାଚନ ପ୍ରଣାଳୀ ପାଇଁ ପୋଇ ଶାଗ ସେବନ କରିପାରିବେ। ତାଛଡା ଏହା ପେଟ ଜନିତ ସମସ୍ୟା ମଧ ଦୂର କରିଥାଏ। ଏହା ଓଜନ ନିୟନ୍ତ୍ରଣ କରିବାରେ ମଧ ସାହାଯ୍ୟ କରିଥାଏ।

## କ'ଣ ମନି ପ୍ଲାଣ୍ଟ ଗଛ ଲଗାଇଲେ ଘରେ ଝଗଡ଼ା ହୁଏ

ଘରେ ମନି ପ୍ଲାଣ୍ଟ ଗଛ ଲଗାଇଲେ ସକରାତ୍ମକ ଶକ୍ତି ଆସେ, ଧନ ବଢ଼େ ବୋଲି କୁହାଯାଏ। ହଁ ଏହି କଥା ସତ। ମାତ୍ର ଏହି ମନି ପ୍ଲାଣ୍ଟ ଗଛକୁ ଯଦି ଠିକ ସ୍ଥାନରେ ନ ରଖାଯାଏ ତେବେ ଘରେ ଅଶାନ୍ତି



ସୃଷ୍ଟି ହୋଇଥାଏ। ପରସ୍ପର ମଧ୍ୟରେ କଳି ଝଗଡ଼ା ଲାଗି ରହେ। ଘରେ ମନି ପ୍ଲାଣ୍ଟ ଗଛକୁ ଲଗାଇବା ପୂର୍ବରୁ କିଛି କଥା ମନେ ରଖନ୍ତୁ, କେବେ ବି ମନି ପ୍ଲାଣ୍ଟ ଗଛକୁ ବାହାରେ ଲଗାଇବେ ନାହିଁ, ଖରା ଠାରୁ ଗଛକୁ ଦୂରେଇ ରଖନ୍ତୁ, ଗଛର ପତ୍ରକୁ କେବେ ଶୁଖିବାକୁ ଦିଅନ୍ତୁ ନାହିଁ, ସବୁବେଳେ ପାଣି ଦିଅନ୍ତୁ। ଏହା କରିପାରିଲେ ଘରେ ଶାନ୍ତି ବଜାୟ ରହିବ। ବାସ୍ତୁ ଶାସ୍ତ୍ର ଅନୁସାରେ, ମନି ପ୍ଲାଣ୍ଟକୁ କେବଳ ଦକ୍ଷିଣ ପୂର୍ବ ଦିଗରେ ରଖିବେ। ଦକ୍ଷିଣ ପୂର୍ବ ଦିଗରେ ଭଗବାନ ଗଣେଶ ବାସ କରିଥାନ୍ତି। ଫଳରେ ଏହି ସ୍ଥାନରେ ରଖିଲେ ଘରେ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ଉତର ପୂର୍ବ ସ୍ଥାନରେ ରଖିଲେ ନକରାତ୍ମକ ଶକ୍ତି ଆସେ। ମନି ପ୍ଲାଣ୍ଟ ଗଛକୁ କେବେ ବି ଘର ବାହାରେ ଲଗାଇବେ ନାହିଁ। ଗଛକୁ ପତ୍ରକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଏଥିରେ ସବୁବେଳେ ପାଣି ଦେବା ଦରକାର। ଯଦି ଗଛର ପତ୍ର ହାଲକା ହଳଦିଆ ଦେଖାଯିବ ତେବେ ଶୀଘ୍ର ବାହାର କରିଦିଅନ୍ତୁ। କୁହାଯାଏ କି, ଗଛର ପତ୍ର ସବୁବେଳେ ଉପର ମୁହାଁ ହୋଇ ବଢ଼ିବା ଦରକାର। ତଳ ମୁହାଁ ତଥା ମାଟିକୁ ଛୁଇଁବା ଭଲ ନୁହେଁ। ସେଥିପାଇଁ ଗଛକୁ ଲଗାଇବା ସମୟରେ ଏକ ବାଡ଼ି ଦେଇ ଗଛକୁ ହାଲୁକା ଭାବେ ବାନ୍ଧି ଦିଅନ୍ତୁ। ଯାହା ଦ୍ୱାରା ଉପର ମୁହାଁ ହୋଇ ବଢ଼ିବ।

# ଶ୍ରୀଲଙ୍କାକୁ ୭୨ ରନରେ ଧୂଳି ଚଟାଇ ଚାମ୍ପିୟନ୍ ହେଲା ଟିମ୍ ଇଣ୍ଡିଆ

ଦୁବାଇ, ୧୩।୯: ମହିଳା ଏସିଆ କପ୍ ୨୦୨୬ର ଫାଇନାଲ୍ ମୁକାବିଲାରେ ଶ୍ରୀଲଙ୍କାକୁ ଶୋଚନୀୟ ଭାବେ ପରାସ୍ତ କରି ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ୍ ହୋଇଛି । ଭାରତ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୮୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାରେ ବିଫଳ ହୋଇଥିଲା ଶ୍ରୀଲଙ୍କା ଦଳ । ଭାରତୀୟ ବୋଲରଙ୍କ ଘାତକ ପ୍ରଦର୍ଶନ ବଳରେ ଟିମ୍ ଇଣ୍ଡିଆ ଏହି ମ୍ୟାଚକୁ ୭୨ ରନ୍‌ରେ ଜିତିଟ୍ରଫି ନିଜ ନାମରେ କରିଛି ।



୧୮୪ ରନର ବଡ଼ ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ଶ୍ରୀଲଙ୍କା ଆରମ୍ଭରୁ ହିଁ ଭାରତୀୟ ବୋଲରମାନଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲା । ଦଳର କୌଣସି ବି ବ୍ୟାଟ୍ସମ୍ୟାନ୍ ଭାରତୀୟ ବୋଲିଂ ଆକ୍ରମଣ ଆଗରେ ବେଶି ସମୟ ତିଷ୍ଠି ପାରି ନଥିଲେ । ନିୟମିତ ବ୍ୟବଧାନରେ ୱିକେଟ୍ ପଡ଼ିବା କାରଣରୁ ଶ୍ରୀଲଙ୍କା ଦଳ ନିର୍ଦ୍ଧାରିତ ଓଭରରେ ଆବଶ୍ୟକୀୟ ସ୍କରଠାରୁ ବହୁ ପଛରେ ରହିଯାଇଥିଲା ଏବଂ ମାତ୍ର ୧୧୧ ରନ୍‌ରେ ଅଲ୍-ଆଉଟ୍ ହୋଇଯାଇଥିଲା ।ଭାରତ ପକ୍ଷରୁ ଶ୍ରୀଚରଣୀ ୪, ଦିପ୍ତୀ ଶର୍ମା ୩ ୱିକେଟ ନେଇଛନ୍ତି । ଏହାସହ ସେଫାଳୀ ବର୍ମା, ପ୍ରେମା ରାୱତ, କ୍ରାନ୍ତି ଗେଡ଼ ଗୋଟିଏ ଲେଖାଏ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି ।

ଭାରତ ପ୍ରଥମେ ବ୍ୟାଟିଂ କରିଥିଲା । ତେବେ ଆରମ୍ଭରୁ ଆକ୍ରମଣାତ୍ମକ ଢ଼ଙ୍ଗରେ ବ୍ୟାଟିଂ ଆରମ୍ଭ କରିଥିଲେ ସେଫାଳୀ । ପାୱାର ପ୍ଲେରୁ ହିଁ ସେ ବଡ଼ ବଡ଼ ସଟ୍ ଖେଳିବା ଆରମ୍ଭ କରିଥିଲେ । ସେ ମାତ୍ର ୩୯ ବଲ୍‌ରୁ ୯ଟି ଚୌକା ଓ ୨ଟି ଛକା ସହାୟତାରେ ୬୮ ରନ୍‌ର ଏକ ଦ୍ରୁତ ଇନିଂସ ଖେଳିବାରେ ସଫଳ ହୋଇଥିଲେ ସେଫାଳୀ । ଅନ୍ୟପକ୍ଷରେ, ଅଭିଜ୍ଞ ଓପନର୍ ସ୍ମୃତି ମନ୍ଧାନା ମଧ୍ୟ ଦଳ ପାଇଁ ଆକର୍ଷଣୀୟ ବ୍ୟାଟିଂ କରି ୩୯ ବଲ୍‌ରୁ ୫ଟି ଚୌକା ଓ ୩ଟି ଛକା ବଳରେ ୫୯ ରନ୍ ସଂଗ୍ରହ କରିଥିଲେ । ଉଭୟଙ୍କ ମଧ୍ୟରେ ଏକ ବିଶାଳ ଓପନିଂ ଭାଗିଦାରୀ ଦଳକୁ ଏକ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲା । ଓପନରଙ୍କ ଆଉଟ୍ ହେବା ପରେ ମଧ୍ୟ ଭାରତୀୟ ବ୍ୟାଟ୍ସମ୍ୟାନ୍ ମାନେ ସ୍କରବୋର୍ଡକୁ ଆଗକୁ ବଢ଼ାଇଥିଲେ । ରିଚା ଘୋଷ (୧୭ ରନ୍) ଏବଂ ଗୁନଲାନ୍ କମଳିନୀ (୫ ବଲ୍‌ରୁ ୧୫ ରନ୍) ଶେଷ ଓଭରଗୁଡ଼ିକରେ କିଛି ଦ୍ରୁତ ଶଟ୍ ଖେଳି ଦଳର ସ୍କରକୁ ୧୮୩ ରନ୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଅଭିଷେକଙ୍କ ଧୂଆଁଧାର ପ୍ରଦର୍ଶନ

ନୂଆଦିଲ୍ଲୀ, ୧୩/୦୯: ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଟି-୨୦ରେ ଆଫଗାନିସ୍ତାନକୁ ୭ ୱିକେଟରେ ହରାଇଛି ଭାରତ । ଆଫଗାନିସ୍ତାନ ଦେଇଥିବା ୧୫୭ ରନର ଟାର୍ଗେଟକୁ ଟିମ୍ ଇଣ୍ଡିଆ ମାତ୍ର ୧୩.୪ ଓଭରରେ ହାସଲ କରିନେଇଛି । ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରଜରେ ଭାରତ ୧-୦ରେ ଆଗୁଆ ହୋଇଛି । ଭାରତର ବିଜୟର ହିରୋ ଥିଲେ ଅଭିଷେକ ଶର୍ମା । ସେ ମାତ୍ର ୩୨ ବଲରେ ୮୨ ରନ୍‌ର ଧୂଆଁଧାର ଇନିଂସ ଖେଳି ଆଫଗାନ୍ ବୋଲରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ ।



୧୫୭ ରନର ଟାର୍ଗେଟକୁ ପିଛା କରିବାକୁ ଓହ୍ଲାଇଥିବା ଭାରତର ଆରମ୍ଭ କିନ୍ତୁ ଭଲ ହୋଇନଥିଲା । ତୃତୀୟ ଓଭରରେ ସଞ୍ଜୁ ସାମସନ୍ ଆଉଟ୍ ହୋଇଥିଲେ । ସେ ୮ ବଲରେ ୨ଟି ଚୌକା ସହ ୧୦ ରନ୍ କରିଥିଲେ । ହେଲେ ଅଭିଷେକ ଶର୍ମାଙ୍କ ବ୍ୟାଟ୍ ରହିନଥିଲା । ମଇଦାନର ଚାରିଆଡ଼ ଚୌକା-ଛକା ବର୍ଷା କରି ସେ ମାତ୍ର ୨୨ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଇଶାନ କିଶନ ମଧ୍ୟ ତାଙ୍କୁ ଭଲ ସାଥ୍ ଦେଇଥିଲେ । ଫଳରେ ଭାରତ ପାୱାରପ୍ଲେରୁ ୬ ଓଭରରେ ହିଁ ୮୨ ରନ୍ ସଂଗ୍ରହ କରିଥିଲା ।ଅଭିଷେକ ଶର୍ମା ମାତ୍ର ୩୨ ବଲରେ ୮୨ ରନ୍ କରି ଶତକରୁ ବଞ୍ଚିତ ହୋଇଥିଲେ । ତାଙ୍କ ଇନିଂସରେ ଥିଲା ୭ଟି ଚୌକା ଓ ୭ଟି ଛକା । ଅର୍ଥାତ୍ କେବଳ ବାଉଣ୍ଡାରୀରୁ ହିଁ ସେ ୭୦ ରନ୍ ସଂଗ୍ରହ କରିଥିଲେ । ଅଭିଷେକଙ୍କ ପରେ ଇଶାନ କିଶନ ମଧ୍ୟ ଉପଯୋଗୀ ଇନିଂସ ଖେଳିଥିଲେ । ସେ ୩୩ ବଲରେ ୪୨ ରନ୍ କରିଥିଲେ । ତାଙ୍କ ବ୍ୟାଟରୁ ୫ଟି ଚୌକା ଓ ଗୋଟିଏ ଛକା ଆସିଥିଲା । ଅଧିନାୟକ ଶ୍ରେୟସ ଆୟର ୫ ବଲରେ ୮ ରନ୍ କରିଥିବାବେଳେ ଉପଅଧିନାୟକ ତିଲକ ବର୍ମା ୪ ବଲରେ ୩ ରନ୍ କରି ଅପରାଜିତ ରହିଥିଲେ । ଏହା ପୂର୍ବରୁ ଭାରତର ବୋଲିଂ ଆକ୍ରମଣ ଆଫଗାନିସ୍ତାନକୁ ୧୫୬ ରନରେ ଅଟକାଇଥିଲା । ଅର୍ଶଦୀପ ସିଂହ ୪ ଓଭରରେ ମାତ୍ର ୧୯ ରନ୍ ଦେଇ ୩ଟି ୱିକେଟ୍ ନେଇଥିଲେ । ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୧୬ ରନ୍ ଦେଇ ଗୋଟିଏ ୱିକେଟ୍ ନେଇଥିଲେ । ଆଫଗାନିସ୍ତାନ ପକ୍ଷରୁ ଅଜମତୁଲ୍ଲା ଓମରଜାଇ ସର୍ବାଧିକ ୬୪ ରନରେ ଅପରାଜିତ ରହିଥିଲେ । ପ୍ରଥମ ମ୍ୟାଚ୍ ଜିତି ଭାରତ ୩ ମ୍ୟାଚ୍ ସିରିଜରେ ୧-୦ରେ ଆଗୁଆ ହୋଇଛି । ଏବେ ସେହି ଅରୁଣ ଜେଟଲୀ ଷ୍ଟାଡିୟମରେ ସେପ୍ଟେମ୍ବର ୧୫ରେ ଦ୍ୱିତୀୟ ଟି-୨୦ ଖେଳାଯିବ ।

### 'ଭଗବା ଜର୍ସି'କୁ ନେଇ ବିବାଦ

# ଡିଜିଙ୍କୁ ନୋଟିସ୍, ଅନୁମୋଦନ ବିନା ନିଷ୍ପତ୍ତି ଅଭିଯୋଗ

ନୂଆଦିଲ୍ଲୀ, ୧୩।୯: ହକି ଇଣ୍ଡିଆରେ ବଡ଼ ଆକ୍ସନ । ଡାଇରେକ୍ଟର ଜେନେରାଲ୍ କମାଣ୍ଡର ଆର୍‌କେ ଶ୍ରୀବାସ୍ତବଙ୍କଠାରୁ ତତ୍କାଳ ପ୍ରଭାବରେ ସମସ୍ତ ଅଧିକାର ଛଡ଼ାଇ ନିଆଯାଇଛି । ହକି ଇଣ୍ଡିଆର ଅଧ୍ୟକ୍ଷ ଦିଲୀପ ତିର୍କୀଙ୍କ ପକ୍ଷରୁ ତାଙ୍କୁ ଆଇନଜୀବୀଙ୍କ ଜରିଆରେ ନୋଟିସ୍ ପଠାଯାଇଥିବା ବେଳେ ଶ୍ରୀବାସ୍ତବଙ୍କ ବିରୋଧରେ ୮ଟି ଗୁରୁତର ଅଭିଯୋଗ ଅଣାଯାଇଛି ।




ନୋଟିସ୍ ଅନୁସାରେ ଡାଇରେକ୍ଟର ଜେନେରାଲ୍ ପଦରେ ରହି ଶ୍ରୀବାସ୍ତବଙ୍କ ପାଖରେ ଥିବା ସମସ୍ତ କ୍ଷମତା ତତ୍କାଳ ପ୍ରତ୍ୟାହାର କରାଯାଇଛି । ପରବର୍ତ୍ତୀ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ସେ କୌଣସି ଅଧିକାର ବ୍ୟବହାର କରିପାରିବେନି କିମ୍ବା କୌଣସି କାର୍ଯ୍ୟ କରିପାରିବେନି । ଏହି ନୋଟିସ୍‌ର ଜବାବ ଦେବା ପାଇଁ ତାଙ୍କୁ ୪ ସପ୍ତାହ ସମୟ ଦିଆଯାଇଛି । ଶ୍ରୀବାସ୍ତବଙ୍କ ବିରୋଧରେ ଥିବା ଅଭିଯୋଗ ମଧ୍ୟରେ ଭାରତୀୟ ହକି ଦଳର ଜର୍ସିର ରଙ୍ଗ ପରିବର୍ତ୍ତନ ପ୍ରସଙ୍ଗ ମଧ୍ୟ ରହିଛି । ଦୀର୍ଘଦିନ ଧରି ଭାରତୀୟ ଦଳ ନୀଳ ଜର୍ସି ପିନ୍ଧି ଖେଳୁଥିବା ବେଳେ ହକି ୱାର୍ଲ୍ଡ କପ୍‌ରେ ହଠାତ୍ ଜର୍ସିର ରଙ୍ଗ ଭଗବା ବା ନାରଙ୍ଗୀ କରାଯାଇଥିଲା ।

ଅଭିଯୋଗ ଅନୁସାରେ ଅଧ୍ୟକ୍ଷ କିମ୍ବା ଏକ୍ଜିକ୍ୟୁଟିଭ୍ କମିଟିର ଅନୁମୋଦନ ଓ ପରାମର୍ଶ ବିନା ଜର୍ସିର ରଙ୍ଗ ବଦଳାଯାଇଥିଲା । ଭିଜିବିଲିଟି ସମସ୍ୟା ଦର୍ଶାଇ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଥିଲେ ମଧ୍ୟ ଏନେଇ କୌଣସି ଅଧିକାରିକ ପ୍ରସ୍ତାବ, ଅନୁମୋଦନ କିମ୍ବା ଦସ୍ତାବିଜ୍ ଦିଆଯାଇନଥିବା ଅଭିଯୋଗ ହୋଇଛି । ଏହାଛଡ଼ା ଶ୍ରୀବାସ୍ତବଙ୍କୁ ଭାରତ ବାହାରକୁ ଯାତ୍ରା ନକରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ବିଦେଶ ଯାତ୍ରା କରିଥିବା ଅଭିଯୋଗ ରହିଛି । ଭାରତରେ ରହି ହକି ଇଣ୍ଡିଆ ଲିଗ୍ ଓ ଅନ୍ୟାନ୍ୟ କାର୍ଯ୍ୟର ତଦାରଖ କରିବାକୁ ତାଙ୍କୁ କୁହାଯାଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି ।

ସେହିପରି ଏକ ପିଆର୍ ଏଜେନ୍ସିକୁ ମିଡିଆ ଏମ୍ବାର୍ଗ ଜାରି କରିବା ପରେ ମଧ୍ୟ ଏଜେନ୍ସି ବିରୋଧରେ କୌଣସି ପଦକ୍ଷେପ ନନେବା ଅଭିଯୋଗ ରହିଛି । ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ ମନପ୍ରୀତ ସିଂହଙ୍କ ସମେତ ୩ ଜଣ ଖେଳାଳିଙ୍କ ଦୁର୍ବ୍ୟବହାର ଅଭିଯୋଗକୁ ଅଣଦେଖା କରିଥିବା ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି । ଏହି ସମସ୍ତ ଅଭିଯୋଗକୁ ନେଇ ଶ୍ରୀବାସ୍ତବଙ୍କୁ ୪ ସପ୍ତାହ ମଧ୍ୟରେ ନିଜ ପକ୍ଷ ରଖିବାକୁ କୁହାଯାଇଛି । ତେବେ ତାଙ୍କ ବିରୋଧରେ ଆସିଥିବା ୮ଟି ଅଭିଯୋଗ ଉପରେ ଆଗକୁ ହକି ଇଣ୍ଡିଆ କି ପଦକ୍ଷେପ ନେଉଛି, ତାହା ଉପରେ ନଜର ରହିଛି ।

# ରିବାକିନା ୟୁଏସ୍ ଓପନ୍ ବିଜେତା

ୱାଂଶିଟନ, ୧୩।୯: ରୁଷୀୟ ଜନ୍ମିତ କାଜାଖସ୍ତାନ ଖେଳାଳି ଏଲିନା ରିବାକିନା ରବିବାର ଯୁଗଳ ସଫଳତା ପାଇଛନ୍ତି । ଏଠାରେ ଚାଲିଥିବା ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ରିବାକିନା ନୂଆ ୟୁଏସ୍ ଓପନ୍ ବିଜୟିନୀ ହେବା ସହ ବିଶ୍ୱର ୧ ନମ୍ବର ଖେଳାଳି ହୋଇଛନ୍ତି । ମହିଳା ଏକକ ଫାଇନାଲ୍‌ରେ ୨୭ ବର୍ଷୀୟା ଏହି ଅଷ୍ଟ୍ରେଲିଆ ଓପନ୍ ବିଜୟିନୀ ୬-୪, ୫-୭, ୬-୨ ସେଟ୍‌ରେ ଶୀର୍ଷ ମାନ୍ୟତାପ୍ରାପ୍ତ ବେଲାରୁଷ ଲଳନା ଆରିନା ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି । ଏଥିସହ ୨୦୨୨ରେ ୱିମ୍ବଲଡନ୍ ଜିତିଥିବା ରିବାକିନା ଚଳିତ ବର୍ଷ ଦ୍ୱିମୁକୁଟ ହାସଲ କରି ନିଜ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ସଂଖ୍ୟା ୩ରେ ପହଞ୍ଚାଇଛନ୍ତି । ଆର୍ଥର ଏସ୍ ଷ୍ଟାଡିୟମ୍‌ରେ ବିଶ୍ୱର ୧-୨ ଖେଳାଳିଙ୍କ ମଧ୍ୟରେ ଖେଳାଯାଇଥିବା ଏହି କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ୍‌ର ପ୍ରଥମ ସେଟ୍ ସାବାଲେଙ୍କା ହାରିବା ପରେ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍ ଜିତି ନେଇଥିଲେ । ହେଲେ ନିର୍ଣ୍ଣାୟକ ସେଟ୍‌କୁ ରିବାକିନା ସହଜରେ ଜିତି ଟ୍ରଫି ନିଶ୍ଚିତ କରିବା ସହ ୫.୫ ମିଲିୟନ ଡଲାର (ପ୍ରାୟ ୫୨.୫୫ କୋଟି ଟଙ୍କା) ପକେଟସ୍ଥ କରିଥିଲେ ।ଏଥିସହ ସେ ୟୁଏସ୍ ଓପନ୍‌ରେ ୨୦୨୪ ଓ ୨୦୨୫ ବିଜୟିନୀ ସାବାଲେଙ୍କାଙ୍କ ଲଗାତାର ୧୯ ମ୍ୟାଚ୍ ବିଜୟରେ ରୋକ୍ ଲଗାଇଥିଲେ । ୨୦୨୩ ଫାଇନାଲ୍‌ରେ କୋକୋ ଗେଫ୍‌ଙ୍କଠୁ ହାରିବା ପରଠୁ ୨୮ ବର୍ଷୀୟା ସାବାଲେଙ୍କା ଫ୍ଲସିଂ ମିଡୋଜ୍‌ରେ ଆଉ ପରାଜୟର ମୁହଁ ଦେଖି ନଥିଲେ ।



# ଭାସ୍ ଦିଲ୍ଲୀ କ୍ୟାପିଟାଲ୍ସର ନୂଆ ବୋଲିଂ ପ୍ରଶିକ୍ଷକ

ନୂଆଦିଲ୍ଲୀ, ୧୩।୯: ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ ଋତୁ ପୂର୍ବରୁ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ ନିଜର ସପୋର୍ଟ ଷ୍ଟାଫ୍‌ରେ ଏକ ବଡ଼ ଧରଣର ପରିବର୍ତ୍ତନ କରିଛି । ଶ୍ରୀଲଙ୍କାର ପୂର୍ବତନ ଅଭିଜ୍ଞ ବାମହାତୀ ଦ୍ରୁତ ବୋଲର ଚାମିଣ୍ଡା ଭାସ୍‌ଙ୍କୁ ଦଳର ନୂତନ ବୋଲିଂ ପ୍ରଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି । ଆଗାମୀ ସଂସ୍କରଣରେ ସେ ଦିଲ୍ଲୀ ଦଳର ବୋଲିଂ ବିଭାଗକୁ ମାର୍ଗଦର୍ଶନ ପ୍ରଦାନ କରିବେ ।




ଗତ ଦୁଇଟି ଆଇପିଏଲ୍ ଋତୁରେ ମୁଖ୍ୟ ପ୍ରଶିକ୍ଷକ ହେମାଙ୍ଗ ବଦାନୀ, କ୍ରିକେଟ୍ ନିର୍ଦ୍ଦେଶକ ବେଣୁଗୋପାଳ ରାଓ ଏବଂ ବୋଲିଂ ପ୍ରଶିକ୍ଷକ ମୁନାଫ ପଟେଲଙ୍କ ତତ୍ତ୍ୱାବଧାନରେ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା । ଫଳସ୍ୱରୂପ, ଦଳ ପରିଚାଳନା କମିଟି ନିଜର କୋଚିଂ ଷ୍ଟାଫ୍‌ରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ନେଇଥିଲା ।ସୂଚନା ଅନୁଯାୟୀ, ବୋଲିଂ ପ୍ରଶିକ୍ଷକ ପଦ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ଭାରତର ଦୁଇ କିମ୍ବଦନ୍ତୀ ଖେଳାଳି ଜାହିର ଖାନ୍ ଏବଂ ଅନିଲ କୁମ୍ବଲେଙ୍କ ସହ ଆଲୋଚନା କରିଥିଲା । ମାତ୍ର ବିଭିନ୍ନ କାରଣରୁ ଉଭୟ ଏହି ଦାୟିତ୍ୱ ଗ୍ରହଣ କରିବାକୁ ସମ୍ମତି ପ୍ରକାଶ କରିନଥିଲେ । ଶେଷରେ ଫ୍ରାଞ୍ଚାଇଜ୍ ଅନ୍ତର୍ଜାତୀୟ କ୍ରିକେଟରେ ଅଗାଧ ଅନୁଭୂତି ଥିବା ଚାମିଣ୍ଡା ଭାସ୍‌ଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଛି ।

ଏହା ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଭାରତର ପୂର୍ବତନ ଷ୍ଟାର୍ ଅଲରାଉଣ୍ଡର ଯୁବରାଜ ସିଂହଙ୍କୁ ଦଳର ବ୍ୟାଟିଂ ପ୍ରଶିକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରିଥିଲା । ବର୍ତ୍ତମାନ ଭାସ୍‌ଙ୍କ ଯୋଗଦାନ ପରେ ଦଳର ବୋଲିଂ ଆକ୍ରମଣ ଅଧିକ ଶାଣିତ ହେବ ବୋଲି ଆଶା କରାଯାଉଛି । ଅନ୍ୟପଟେ, ଦଳ ଏବେ ଏକ ନୂଆ ମୁଖ୍ୟ ପ୍ରଶିକ୍ଷକଙ୍କ ସନ୍ଧାନ ଜାରି ରଖିଛି, ଯାହା ଖୁବଶୀଘ୍ର ଘୋଷଣା ହେବାର ସମ୍ଭାବନା ରହିଛି ।

# ହାରିସନ୍-ସ୍କୁପ୍‌ସ୍କିଙ୍କୁ ପୁରୁଷ ଯୁଗଳ ଟ୍ରଫି

ୱାଂଶିଟନ, ୧୩।୯: ଚଳିତ ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଆମେରିକା ଓ ବ୍ରିଟିସ୍ ଯୋଡ଼ି ଇତିହାସ ରଚିଛନ୍ତି । ଆମେରିକାର କ୍ରିଷ୍ଟିଆନ୍ ହାରିସନ୍ ଏବଂ ବ୍ରିଟେନର ନିଲ୍ ସ୍କୁପ୍‌ସ୍କି ଚମତ୍କାର ପ୍ରଦର୍ଶନ କରି ପୁରୁଷ ଯୁଗଳ ଟ୍ରଫି ନିଜ ନାମରେ କରିଛନ୍ତି ।ଫାଇନାଲ୍ ମୁକାବିଲାରେ ପଞ୍ଚମ ମାନ୍ୟତାପ୍ରାପ୍ତ ଏହି ଯୋଡ଼ି ଜର୍ମାନୀର ଷଷ୍ଠ ମାନ୍ୟତାପ୍ରାପ୍ତ କେଭିନ୍ କ୍ରାୱିଜ୍ ଓ ଟିମ୍ ପୁଏଜ୍‌ଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି । ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ରୋମାଞ୍ଚକର ମ୍ୟାଚ୍‌ରେ ହାରିସନ୍-ସ୍କୁପ୍‌ସ୍କି ଯୋଡ଼ି ପ୍ରତିପକ୍ଷଙ୍କୁ ୬-୪, ୭-୬ ସେଟ୍‌ରେ ମାତ୍ ଦେଇଥିଲେ । ପ୍ରଥମ ସେଟ୍‌ରେ ଉଭୟ ଖେଳାଳି ସମନ୍ୱୟ ରକ୍ଷା କରି ଦ୍ରୁତ ଅଗ୍ରଣୀ ହାସଲ କରିଥିବା ବେଳେ ଦ୍ୱିତୀୟ ସେଟ୍‌ରେ ଜର୍ମାନ ଯୋଡ଼ିଙ୍କ ତରଫରୁ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । ତେବେ ଟାଇବ୍ରେକରରେ ଉତ୍କୃଷ୍ଟ ସର୍ଭିସ୍ ଓ ଭଲି ଯୋଗୁଁ ହାରିସନ୍-ସ୍କୁପ୍‌ସ୍କି ବିଜୟ ହାସଲ କରି ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ । ପୂର୍ବରୁ ଅଷ୍ଟ୍ରେଲିଆନ୍ ଓପନ୍ ଜିତିସାରିଥିବା ଏହି ସଫଳ ଯୋଡ଼ିଙ୍କର ଏହା ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି । ଏହି ଚମତ୍କାର ବିଜୟ ପରେ କ୍ରୀଡ଼ା ପ୍ରଶଂସକଙ୍କ ତରଫରୁ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି ବିଜୟ ସହିତ ବିଶ୍ୱ ଡବଲ୍ସ ର୍‌ୟାଙ୍କିଙ୍ଗ୍‌ରେ ମଧ୍ୟ ସେମାନଙ୍କ ସ୍ଥିତି ଆହୁରି ମଜଭୁତ ହୋଇଛି ।



# ଭୁଲ୍ ବୁଝିପାରିଲେ ଦିବ୍ୟାଂଶୀ

କନକ ବ୍ୟୁରୋ: ଆତ୍ମହତ୍ୟା ଧମକ ଦେବାର ଗୋଟିଏ ଦିନ ପରେ ମତ ପରିବର୍ତ୍ତନ କରିଛନ୍ତି ୧୮ ବର୍ଷୀୟା ଉଷୁ ଖେଳାଳି ଦିବ୍ୟାଂଶୀ ଚୌଧୁରୀ । ଭାରତର ଏସୀୟ କ୍ରୀଡା ଦଳରୁ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିବା ପରେ ମାନସିକ ଭାବେ ଭାଙ୍ଗି ପଡ଼ି ସେ ଏକ ଭିଡିଓ ବାର୍ତ୍ତାରେ ଆତ୍ମହତ୍ୟାର ଧମକ ଦେଇଥିଲେ । ଏବେ ସେ ବାଦ୍ ପଡିବାର କାରଣ ବୁଝି ଯାଇଛନ୍ତି ।



ତାଙ୍କୁ ଖେଳ ଅପେକ୍ଷା ସ୍ୱାସ୍ଥ୍ୟ ବେଶୀ ଗୁରୁତ୍ୱପୂର୍ଣ୍ଣ । ପ୍ରତିଯୋଗିତାକୁ ଫେରିବାକୁ ହେଲେ ପୂରା ଠିକ୍ ହେବା ଆବଶ୍ୟକ ବୋଲି ମହାସଂଘର ଅଧିକାରୀମାନେ ବୁଝାଇବା ପରେ ସେ ମତ ପରିବର୍ତ୍ତନ କରିଛନ୍ତି । ଦିବ୍ୟାଂଶୀ କହିଛନ୍ତି ଯେ ''ଆମ ମହାସଂଘ ମୋତେ ଅନେକ କଥା ବୁଝାଇଥିଲେ । ସେମାନେ କହିଥିଲେ ମହାସଂଘ ପାଇଁ ଖେଳାଳିଙ୍କ ସ୍ୱାସ୍ଥ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ ।

ସେଥିପାଇଁ ମହାସଂଘ ଚାହୁଛି ଯେ ପ୍ରଥମେ ମୁଁ ଆଣ୍ଠୁ ଜନିତ ଆଘାତ ସମସ୍ୟାରୁ ସୁସ୍ଥ ହୁଏ । ସୁସ୍ଥ ହେଲା ପରେ ପଡିଆକୁ ଫେରିବି । ସେତେବେଳେ ମୋତେ ଲାଗୁଥିଲା ଯେ ମହାସଂଘ ମୋ ସାଥୀରେ ନାହିଁ । କିନ୍ତୁ ବାସ୍ତବରେ ମହାସଂଘ ମୋ ସହ ଅଛି । ସମସ୍ତେ ମୋତେ ସହଯୋଗ କଲେ ଏବଂ ସବୁକିଛି ବୁଝାଇଲେ । ବର୍ତ୍ତମାନ ମୁଁ ବୁଝିପାରିଛି ଯେ ସମସ୍ତେ ମୋ ସହିତ ଅଛନ୍ତି । ମହାସଂଘ ଓ ରୋଶିବିନା ଦିଦିଙ୍କ ପ୍ରତି ମୋର ଯେଉଁ ଧାରଣା ଥିଲା ତାହା ଭୁଲ୍'' । ଦିବ୍ୟାଂଶୀ ପୂର୍ବରୁ ଅଭିଯୋଗ କରିଥିଲେ ଯେ ''ଦୁଇଥର ଏସୀୟ କ୍ରୀଡ଼ା ପଦକ ବିଜେତା ରୋଶିବିନା ଦେବୀ ନାଓରେମ୍‌ଙ୍କ ବିପକ୍ଷରେ ଚୂଡ଼ାନ୍ତ ଚୟନ ପରୀକ୍ଷାରେ ଜିତିବା ସତ୍ତ୍ୱେ ତାଙ୍କୁ ଶେଷ ମୁହୂର୍ତ୍ତରେ ଏସୀୟ କ୍ରୀଡ଼ା ଦଳରୁ ବାଦ୍ ଦିଆଯାଇଛି । ରୋଶିବିନା ଦିଦିଙ୍କ ଦ୍ୱାରା ସେ ମାନସିକ ନିର୍ଯାତନାର ଶିକାର ହୋଇଥିଲେ ଏବଂ ଏଥିରେ ତାଙ୍କ ପରିବାର ମଧ୍ୟ ପ୍ରଭାବିତ ହୋଇଥିଲା । ଗତ ଜୁନ୍ ମାସରୁ ଏଭଳି ନିର୍ଯାତନାର ଶିକାର ହୋଇ ଆସୁଛନ୍ତି'' । ହେଲେ ଭାରତୀୟ ଉଷୁ ମହାସଂଘ କହିଥିଲା ଯେ ଭାରତୀୟ କ୍ରୀଡା ପ୍ରାଧିକରଣ (ସାଇ) ତାଙ୍କ ଆଘାତ ସମସ୍ୟାର ଯାଞ୍ଚ ପରେ ଫିଟ୍ ଘୋଷିତ ନ କଲେ ସେ ପ୍ରତିଯୋଗିତାରୁ ଦୂରେଇ ରହିବେ ।

# ସଚିନଙ୍କ ବିଶାଳ ଟେଷ୍ଟ ରେକର୍ଡ ଭାଙ୍ଗିଲେ ରୁଟ

ଏଜବାଷ୍ଟନ, ୧୩।୯: ଇଂଲଣ୍ଡର ଭେଟେରାନ ବ୍ୟାଟର ଜୋ ରୁଟ୍ ତାଙ୍କ କ୍ୟାରିୟରରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି । ସେ ୧୪୭ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ ନିର୍ଦ୍ଦିଷ୍ଟ ଭାବେ ଚତୁର୍ଥ ଇନିଂସରେ ପ୍ରଥମ ବ୍ୟାଟର ଭାବେ ୨୦୦୦ ରନ ଅତିକ୍ରମ କରିଛନ୍ତି । ପାକିସ୍ତାନ ବିପକ୍ଷ ତୃତୀୟ ଟେଷ୍ଟରେ ଅପରାଜିତ ୬୨ ରନର ଇନିଂସ ଅବସରରେ ସେ ଏହି ସଫଳତା ପାଇଛନ୍ତି । ଚତୁର୍ଥ ଇନିଂସରେ ବ୍ୟାଟିଂ ଜଣେ ଟେଷ୍ଟ ବ୍ୟାଟରଙ୍କ ପାଇଁ ଅସଲ ଦକ୍ଷତାର ପରୀକ୍ଷା ହୋଇଥାଏ । କାରଣ ପିଚ୍ ଚତୁର୍ଥ ଇନିଂସରେ ସବୁଠୁ ଚ୍ୟାଲେଞ୍ଜିଂ ଥାଏ ଏବଂ ପ୍ରତ୍ୟେକ ଉଇକେଟ ପଡ଼ିବା ସହ ଟାର୍ଗେଟର ପିଛା କରୁଥିବା ଦଳ ପରାଜୟ ଆଡ଼ ମୁହାଁଉଥାଏ । ତେବେ ଚତୁର୍ଥ ଇନିଂସରେ ରୁଟ୍ ସର୍ବାଧିକ ୨,୦୫୯ ରନ କରି ସଚିନ ତେନ୍ଦୁଲକରଙ୍କ ବିଶାଳ ଟେଷ୍ଟ ରେକର୍ଡ ଭାଙ୍ଗିଦେଇଛନ୍ତି । ଭାରତର ମହାନ୍ ବ୍ୟାଟର ସଚିନ ତେନ୍ଦୁଲକର ୧,୬୨୫ ରନ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏହି ତାଲିକାରେ ଇଂଲଣ୍ଡର ଆଲେଷ୍ଟର କୁକ୍ (୧,୬୧୧), ଦକ୍ଷିଣ ଆଫ୍ରିକାର ଗ୍ରେମ ସ୍ମିଥ (୧,୬୧୧) ଓ ୱେଷ୍ଟଇଣ୍ଡିଜର ଶିବନାରାୟଣ ଚନ୍ଦ୍ରପାଲ (୧,୫୬୦) ରହିଛନ୍ତି ।

# ବିବାହ ବନ୍ଧନରେ କ୍ୟାମରନ ଗ୍ରୀନ



ଅଷ୍ଟ୍ରେଲିଆ, ୧୩।୯: ଅଷ୍ଟ୍ରେଲିଆର ଅଲରାଉଣ୍ଡର ଖେଳାଳୀ କ୍ୟାମରନ ଗ୍ରୀନ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସେ ରବିବାର ୧୩ସେପ୍ଟେମ୍ବରରେ ବିବାହର ଫଟୋ ସେୟାର କରି ଫ୍ୟାନ୍ସଙ୍କୁ ଏହି ଖୁସି ଖବର ଦେଇଛନ୍ତି । ମାତ୍ର ବିବାହ ୪ସେପ୍ଟେମ୍ବରରେ ହୋଇଥିଲା । ଯେଉଁଥିରେ ତାଙ୍କର ନିକଟତର ବନ୍ଧୁ ଏବଂ ପରିବାରର ଲୋକ ସାମିଲ ହୋଇଥିଲେ । ତାଙ୍କ ଜୀବନ ସାଥୀ ଏମିଲୀ ରେଡ଼ବୁଡ଼ ଅଟନ୍ତି । ଯାହାଙ୍କୁ ସେ ୫ ବର୍ଷରୁ ଡେଟ୍ କରୁଥିଲେ ।

କ୍ୟାମରନ ଗ୍ରୀନ ଏବଂ ଏମିଲି ରେଡ଼ବୁଡ଼ ଏକ ମିଳିତ ପୋଷ୍ଟ କରି ବିବାହର ଫଟୋ ସେୟାର କରିଛନ୍ତି । ଯେଉଁଥିରେ କ୍ରିକେଟର ବ୍ଲାକ୍ ସୁଟରେ ଏବଂ ତାଙ୍କ ସ୍ତ୍ରୀ ହ୍ୱାଇଟ୍ ଗାଉନରେ ବହୁତ ସୁନ୍ଦର ଲାଗୁଥିଲେ । କୁହାଯାଉଛି କି ବିବାହ ସେପ୍ଟେମ୍ବର ୪ରେ ପର୍ଥର କୋଟେସ୍‌ଲୋ ସ୍ଥିତ ସିବିକ ସେଣ୍ଟର ଗ୍ରାଉଣ୍ଡରେ ହୋଇଥିଲା । ବିବାହ ପରେ ଉଭୟେ କପଲ୍ ଡ୍ୟାନ୍ସ କରିଥିଲେ । ବିବାହରେ ମିଚେଲ ମାର୍ଶଙ୍କ ସମେତ କେତେକ ଅଷ୍ଟ୍ରେଲିଆ କ୍ରିକେଟର୍ସ ସାମିଲ ହୋଇଥିଲେ । ଯାହାଙ୍କ ଫଟୋ ଗ୍ରୀନ ଏକ ଅଲଗା ପୋଷ୍ଟରେ ସେୟାର କରିଛନ୍ତି । ଗ୍ରୀନ ଏବଂ ରେଡ଼ବୁଡ଼ ୨୦୨୦ରୁ ସାଥିରେ ଅଛନ୍ତି । ଗତ ବର୍ଷ ଫେବୃଆରୀରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା । ଏମିଲି ରେଡ଼ବୁଡ଼ ଡାଇଟିଶିୟନ ଅଟନ୍ତି ଯିଏ ପିଏଚଡି ବି କରୁଛନ୍ତି । ସେ ନ୍ୟୁଟ୍ରିଶନ ଏଣ୍ଡ ଫୁଡ୍ ସାଇନ୍ସରେ ବିଏସସି ଏବଂ ଏହାପରେ ମାଷ୍ଟର ଅଫ ଡାୟଟେଟିକ୍ସର କୋର୍ସ କରିଛନ୍ତି । ୨୭ବର୍ଷୀୟ କ୍ୟାମରନ ଗ୍ରୀନ ଅଷ୍ଟ୍ରେଲିଆ ଲାଗି ୩୯ଟେଷ୍ଟ, ୩୭ୱାନଡେ ଏବଂ ୨୮ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଏଥିରେ ତାଙ୍କ ନାମରେ କ୍ରମଶ ୧୯୨୦, ୯୪୬ ଏବଂ ୬୩୮ ରନ୍ ଅଛି । ସେ ଟେଷ୍ଟରେ ୩୯, ୱାନଡେରେ ୨୧ ଏବଂ ଟି-୨୦ ଅନ୍ତର୍ଜାତୀୟରେ ୧୪ୱିକେଟ ନେଇଥିଲେ । ସେ ଆଇପିଏଲ୍ ୨୦୨୬ରେ କୋଲକାତା ନାଇଟ ରାଇଡର୍ସ ଲାଗି ଖେଳିଥିଲେ । ଯାହାଙ୍କୁ ଫ୍ରାଞ୍ଚାଇଜ ୨୫କୋଟି ଟଙ୍କାରେ କିଣିଥିଲେ । ଏହା ପୂର୍ବରୁ ସେ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ୨୦୨୩ରେ ମୁମ୍ବାଇ ଇଣ୍ଡିଆନ୍ସ ଲାଗି ଖେଳିଥିଲେ ।

# ସାମିଙ୍କ ପାଇଁ କାଳ ସାଜୁଛି ଆହତ

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଷ୍ଟାର ଦ୍ରୁତ ବୋଲର ମହମ୍ମଦ ସାମି କେବେ ଫେରିବେ ଦଳ । ବିଶ୍ୱକପରେ ଦମଦାର ପ୍ରଦର୍ଶନ କରିବା ପରେ ମଧ୍ୟ ପୁଣିଥରେ ଦଳକୁ ଫେରିବା କଷ୍ଟସାଧ ହୋଇଯାଇଛି । ଆଇପିଏଲ ଏବଂ ଘରୋଇ କ୍ରିକେଟରେ ଲଗାତାର ନିଜର ଦକ୍ଷତା ଦେଖାଉଥିଲେ ମଧ୍ୟ ଦଳ ସ୍ଥାନ ନମିଳିବା ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଦଳକୁ ଫେରିବାରେ କେଉଁଠି ଅଟକିଛି ପେଞ୍ଚ ଏହାକୁ ନେଇ ଭାରତୀୟ କ୍ରିକେଟ ଦଳର ପୂର୍ବତନ କ୍ରିକେଟର ତଥା ଜଣାଶୁଣା ଭାଷ୍ୟକାର ଆକାଶ ଚୋପ୍ରା ଏକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ସାମିଙ୍କୁ ଦଳରୁ ବାଦ୍ ଦେବା ପଛରେ ବୟସ କୌଣସି କାରଣ ନୁହେଁ । ଏହା ସହିତ ସେ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କ ଏବଂ ମହମ୍ମଦ ସାମିଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ବୁଝାଇଛନ୍ତି ।ଆକାଶ ଚୋପ୍ରାଙ୍କ ମତରେ, କେବଳ ବୟସକୁ ଆଧାର କରି ମହମ୍ମଦ ସାମିଙ୍କୁ ଦଳରୁ ବାହାରେ ରଖାଯାଇଛି ବୋଲି ଭାବିବା ଭୁଲ୍ ହେବ । ସେ ଯୁକ୍ତି ବାଢ଼ିଛନ୍ତି ଯେ, ଯଦି ବୟସ ମାପକାଠି ହୋଇଥାନ୍ତା, ତେବେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ପରି ବୟସ୍କ ଖେଳାଳିମାନେ ମଧ୍ୟ ଦଳରେ ସ୍ଥାନ ପାଇପାରି ନଥା'ନ୍ତେ । ତେଣୁ ବୟସ ନୁହେଁ ବରଂ ଅନ୍ୟ କିଛି କାରଣ ରହିଛି ।ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କଙ୍କ ଉଦାହରଣ ଦେଇ ଆକାଶ ଚୋପ୍ରା କହିଛନ୍ତି, 'ମହମ୍ମଦ ସାମି ଏବଂ ମିଚେଲ୍ ଷ୍ଟାର୍କଙ୍କ ମଧ୍ୟରେ ବହୁତ ବଡ଼ ପାର୍ଥକ୍ୟ ରହିଛି । ଷ୍ଟାର୍କ କ୍ରମାଗତ ଭାବେ ଫିଟ୍ ରହି କ୍ରିକେଟ୍ ଖେଳିଆସୁଛନ୍ତି ଏବଂ ଯେତେବେଳେ ମଧ୍ୟ ପ୍ରତ୍ୟାବର୍ତ୍ତନ କରୁଛନ୍ତି, ସେ ଅଷ୍ଟ୍ରେଲିଆ ଆକ୍ରମଣର ନେତୃତ୍ୱ ନେଉଛନ୍ତି । ତାଙ୍କ ଫର୍ମ, ଫିଟ୍‌ନେସ୍ ଏବଂ ବୋଲିଂର ଧାର ଉପରେ କୌଣସି ପ୍ରଶ୍ନ କରାଯାଇପାରିବ ନାହିଁ ।'

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,